

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୧ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 11 APRIL 2025
Vol.No. 36 ■ No.95 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net



DSPL-24



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ଜଗତ ପ୍ରକାଶ ନଡ୍ଡା
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ,
ସାର ଓ ରସାୟନ ମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶୁଭାରମ୍ଭ

## ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏ.ବି.ପିଏମ୍.ଜେ.ଏ.ୱାଇ)
## ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜି.ଜେ.ଏ.ୱାଇ)ର
## ନୂଆ ଏକକ କାର୍ଡ଼ ବିତରଣ
## ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା (ଏ.ଭି.ଭି.ୱାଇ)

**ମୁଖ୍ୟ ଅତିଥି**

**ଶ୍ରୀ ଜଗତ ପ୍ରକାଶ ନଡ୍ଡା**
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାର ଓ ରସାୟନ ମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଶ୍ରୀ ଜୁଏଲ୍ ଓରାମ**
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ

**ଶ୍ରୀ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ତଥା
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଡ଼. ମୁକେଶ ମହାଲିଙ୍ଗ**
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର,
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଓଡ଼ିଶା

**୧୧ ଏପ୍ରିଲ୍ ୨୦୨୫ | ଅପରାହ୍ଣ ୨.୩୦ ଘଟିକା | ବାଲିଯାତ୍ରା ପଡ଼ିଆ, କଟକ**

OIPR: 10001/13/0049/2425




ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ଆଦର୍ଶ ବିଦ୍ୟାଳୟରେ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ

ଭଦ୍ରକ,୧୦/୪(ନି।ପ୍ର): ଭଦ୍ରକ ଓଲଙ୍ଗ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ବିଦ୍ୟାଳୟ ର ସହ ଶିକ୍ଷୟତ୍ରୀ କାଦମ୍ବରି କର ଶର୍ମା ଙ୍କ ମଂଚ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଆଦର୍ଶ ବିଦ୍ୟାଳୟ ର ଅଧକ୍ଷ ମାନସ ମାଝୀ ସ୍ୱାଗତ ପରିଚୟ ଏବଂ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ଶାଖାର ଆଇନ ଅଧିକାରୀ ସୁବ୍ରତ ଦାସ ମୁଖ୍ୟ ବକ୍ତା ତଥା ବିଷୟ ବିଶାରଦ ରୂପେ ଯୋଗଦାନ କରି ସମ୍ପ୍ରତି ସ୍ଥିତିରେ ଲିଙ୍ଗ ଗତ ଭେଦ ଭାବ ଭଳି କୁତ୍ସିତ ମାନସିକତା କୁ ଦୂରୀକରଣ ପାଇଁ କନ୍ୟା ସନ୍ତାନ ହିଁ ପରିବାରରେ ଉଦାହରଣ ସୃଷ୍ଟି କରିବେ ବୋଲି ଅଭିବ୍ୟକ୍ତ କରିଥିଲେ । ସୃଷ୍ଟି ର ସମ୍ଭାର କନ୍ୟା ସନ୍ତାନ ଜନ୍ମ ହିଁ ସୌଭାଗ୍ୟ ଥିଲେ ପ୍ରାପ୍ତ ହୁଏ ବୋଲି ଶ୍ରୀ ଦାସ ନିଜ ବକ୍ତବ୍ୟରେ ସମସ୍ତଙ୍କୁ ଅବଗତ କରିଥିଲେ ।ଲିଙ୍ଗ ଗତ ଭେଦଭାବ ଉପରେ ପ୍ରଦର୍ଶିତ ଏକ ନାଟକ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ଅଭିନୀତ ହୋଇଥିଲା । ସମସ୍ତ ବିଦ୍ୟାଳୟ ର ଶିକ୍ଷକ/ ଶିକ୍ଷିକା ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ପରିଶେଷରେ ବିଦ୍ୟାଳୟ ର ଶିକ୍ଷକ ନାରାୟଣ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲୁଟ ମାମଲାରେ ଜଣେ ଗିରଫ

ଜୟପୁର,୧୦/୪(ନି।ପ୍ର): ଲୁଟ ମାମଲାରେ ଜଣେ ଅଭିଯୁକ୍ତ ଗିରଫ କରିବା ସହ ନାବାଳକକୁ କାବୁ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଓଡିଆମେଦ୍ରି ସାହିର ହରି ନାୟକ (୨୨) । ସୁଚନା ଅନୁଯାଇ ଜୟପୁର ସହର ଆମ୍ବେଦକ ଛକ ଠାରେ ଜଣେ ବ୍ୟକ୍ତି ବସ ଚଢୁଥିବା ବେଳେ ଗତ ୫ ତାରିଖରେ ୧୨ ହଜାର ୫ ଶହ ଟଙ୍କା ଲୁଟ ହୋଇଥିଲା । ଏନେଇ ଅଭିଯୋଗ ହେବାରୁ ପୋଲିସ ୧୫୦/୨୫ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି ପୋଲିସ ଜଣେ ଅଭିଯୁକ୍ତ କୁ ଗିରଫ କରି ନାବାଳକକୁ ବାକୁ କରିଥିଲା । ଗିରଫ ଅଭିଯୁକ୍ତ ଠାରୁ ୮ ହଜାର ଟଙ୍କା ଜବତ କରିଛି । ଗିରଫ ଅଭିଯୁକ୍ତକୁ ଆଜି ସଂନ୍ଧ୍ୟା ୬ଟାରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳକକୁ ଜୁଭେଲାଇନଜଷ୍ଟିସଙ୍କ ନିକଟରେ ହାଜର କରାଯାଇଥିବହା ବିଷୟ ଜୟପୁର ଟାଉନ ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ରଜିଆ ଶିଶୁ ମନ୍ଦିରର ୧୭ତମ ବାର୍ଷିକ ଉତ୍ସବ

ଚମ୍ପୁଆ,୧୦/୪(ନି।ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ଗ୍ରାମ ପଂଚାୟତର ସରସ୍ୱତୀ ଶିଶୁ ମନ୍ଦିରରେ ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଧୈର୍ଯ୍ୟବାନ ଓ ସହନଶୀଳ ହେବା ସହିତ ଭାରତ ମାତାର ସେବା କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ସମାଜ ସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ଯୋଗ ଦେଇ ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ବିଦ୍ୟାଳୟ ସରସ୍ୱତୀ ଶିଶୁ ମନ୍ଦିରକୁ ପ୍ରଶଂସା କରିବା ସହିତ ଏହି ଅନୁଷ୍ଠାନରେ ଛାତ୍ରଛାତ୍ରୀ ମାନଙ୍କୁ ପଢ଼ାଇବା ପାଇଁ ଅଭିଭାବକମାନଙ୍କୁ ଆହ୍ୱାନ କରିଥିଲେ। ଅନ୍ୟ ସମ୍ମାନିତ ଅତିଥିଭାବେ ରଜିଆ ଗ୍ରାମ ପଂଚାୟତର ସରପଂଚ ସନ୍ତୋଷ କୁମାର ନାଏକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମୋବାଇଲର ଦୁରୁପଯୋଗ ନ କରି ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଚମ୍ପୁଆ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଯୋଗଦେଇ ମାତୃଭାଷା ଶିକ୍ଷାର ଗୁରୁତ୍ୱ ବିଷୟରେ ଅବଗତ କରିବା ସହିତ ଭାରତୀୟ ଜ୍ଞାନ ପରମ୍ପରା ଓ ମୌଳିକ କର୍ତବ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଅଭିମନ୍ୟୁ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତିର ସଭାପତି କମଳାକାନ୍ତ ଗିରି ବିଦ୍ୟାଳୟର ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ବିଳାସ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସମସ୍ତ ଅତିଥିମାନଙ୍କ ସହିତ ବରିଷ୍ଠ ଆଇନଜୀବି ରମେଶ ଚନ୍ଦ୍ର ପ୍ରଧାନଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରା ଯାଇଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପୂର୍ବ ଛାତ୍ରୀ ଅଙ୍କିତା ଦାସ ଆଇଆଇଟି ଜାମ ପରୀକ୍ଷାରେ ଯୋଗ୍ୟ ବିବେଚିତ ହୋଇଥିବାରୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମାଆ, ପରିଚାଳନା ସମିତିର ସଦସ୍ୟ ସଦସ୍ୟା ତଥା ଶୁଭେଚ୍ଛୁ ଅଭିଭାବକ ଯୋଗ ଦେଇ ସହଯୋଗ କରିଥିଲେ।

## ଧାରଣାକାରୀ ବିସ୍ଥାପିତଙ୍କ ସହ ଆଲୋଚନା କଲେ ସମାଜସେବୀ ପ୍ରମୋଦ ସାହୁ

କେନ୍ଦ୍ରାପଡ଼ା,୧୦/୪(ନି।ପ୍ର): ଜିଲ୍ଲା କାର୍ଯ୍ୟାଳୟ ଆଗରେ ଦୀର୍ଘ ୮ଦିନ ହେଲା ଅହୋରାତ୍ର ଧାରଣା ଦେଉଥିବା ବଗପାଟିଆ ବିସ୍ଥାପିତ ଧାରଣାକାରୀଙ୍କ ସହ କ୍ରେଡିଟ୍ କୋଅପରେଟିଭ ସୋସାଇଟ ର ସଭାପତି, ବିଶିଷ୍ଟ ସମାଜସେବୀ ତଥା କୃଷକ ନେତା ପ୍ରମୋଦ କୁମାର ସାହୁ ଆଲେଚନା କରିଥିବା ଜଣାପଡିଛି । ବୁଧବାର ଶ୍ରୀ ସାହୁ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ସ୍ଥଳରେ ପହଁଚି ଧାରଣା ଦେଉଥିବା ୪୦ରୁ ଉର୍ଦ୍ଧ୍ୱ ମହିଳା ଓ ବୟସ୍କ ନାଗରିକମାନଙ୍କ ସହ ଅଲୋଚନା କରି ସମବେଦନା ଜଣାଇଥିଲେ । ଆବାହକ ଡ଼ଃ ଧରଣୀଧର ରାଉତଙ୍କ ସମେତ ଅନ୍ୟ ଧାରଣାକାରୀ ମାନେ ଏହି ଧାରଣାର ବାସ୍ତବିକତା ସଂପର୍କରେ ଓ ମାନ୍ୟବର ନ୍ୟାୟାଳୟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନଥିବା ପ୍ରସଙ୍ଗରେ ପଟା ନମିଳିବା ଘଟଣା ଉପରେ ପୁଙ୍ଖାନୁପୁଙ୍ଖ ଆଲେଚନା କରିଥିଲେ।

# ଟେଣ୍ଡର ହୋଇ କାମ ହେଉନି, ନିର୍ମାଣ ସରି ମଧ ଉଦ୍‌ଘାଟନ ହେଉନି: ରାଜନୈତିକ ସ୍ୱେଚ୍ଛାଚାରିତା ପାଖରେ ଅଟକିଛି ଜିଲ୍ଲାବାସୀଙ୍କ ବିକାଶ

ଭଦ୍ରକ, ୧୦/୪(ନି।ପ୍ର): ରାଜନୈତିକ ସ୍ୱେଚ୍ଛା ଚାରିତା ପାଖରେ ଅଟକିଛି ଭଦ୍ରକ ଜିଲ୍ଲା ବାସୀଙ୍କ ବିକାଶ । ଶାସନ ବଦଳିବା ସହିତ ଭଦ୍ରକ ଜିଲ୍ଲାରେ ବିକାଶ ଏକପ୍ରକାର ଠପ ହୋଇ ଯାଇଛି । ନୂତନ ଯୋଜନା କାର୍ଯ୍ୟକାରୀ ହେବା ଦୁରକୁ ଥାଉ ପୂର୍ବରୁ ଟେଣ୍ଡର ସରିଥିବା କାର୍ଯ୍ୟ ଆରମ୍ଭ ହୋଇ ପାରୁନି କିମ୍ବା ନିର୍ମାଣ ସରିଥିବା ପ୍ରକଳ୍ପ ଉଦଘାଟନ ହୋଇ ପାରୁନି । ଯାହାକୁ ନେଇ କେବଳ ଜିଲ୍ଲବାସୀ ନୁହଁନ୍ତି ଭଦ୍ରକ ସହରବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଗତ ସରକାରଙ୍କ ଅମଳରେ ପ୍ରାୟ ୨୦୦ କୋଟି ଟଙ୍କା ବ୍ୟୟ ରେ ଆରମ୍ଭ ହୋଇଥିବା ଭଦ୍ରକ ଜିଲ୍ଲା ହସ୍ପିଟାଲ ଇତିମଧ୍ୟରେ ନିର୍ମାଣ ଶେଷ ହୋଇ ସାରିଥିଲେ ମଧ୍ୟ ଆଦ୍ୟାବଧି ତାହା ଉଦଘାଟନ ହୋଇ ପାରୁ ନାହିଁ । ସେହିଭଳି ଭଦ୍ରକ ବାଘୁରାଇ ନିକଟରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ସହର ର ଏକମାତ୍ର ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ଶେଷ ହୋଇ କିଛି ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇ ଥିଲେ ମଧ ଆଜି ସୁଦ୍ଧା ଏହାର ଉଦଘାଟନ ଦୁରକୁ ଥାଉ ଷ୍ଟାଡିୟମ କୁ ବିଜୁଳି ସଂଯୋଗ ହୋଇପାରୁନି । ସେହିଭଳି ଏହି କମ୍ପ୍ଲେକ୍ସ ରେ ପ୍ରାୟ ୧୧ କୋଟି ୭ ଲକ୍ଷ ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ସୁଇମିଙ୍ଗ ପୁଲ ଏବଂ ୧୦ କୋଟି ୭୭ ଲକ୍ଷ ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଏବଂ ଭଦ୍ରକ ପୁରୁଣା ବଜାର ଅଂଚଳରେ ଐତିହାସିକ ସଦାବର୍ତ ମଠ ଜାଗାରେ ୬ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଏକ ମିନି ଷ୍ଟାଡିୟମ ପାଇଁ ଟେଣ୍ଡର ସରି କାର୍ଯ୍ୟାଦେଶ ଜାରି ହୋଇଥିଲେ ମଧ ଆଦ୍ୟାବଧି ଏହି ପ୍ରକଳ୍ପ ଗୁଡିକର କାର୍ଯ୍ୟ ଆରମ୍ଭ ହୋଇ ପାରୁନି । ଯାହାକୁ ନେଇ ଗତ ବିଧାନସଭା ଅଧିବେଶନ ରେ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । କୁହାଯାଇଛି ଜାଗା ଜମି ଅଡୁଆ ଯୋଗୁ ଏଭଳି ପରିସ୍ଥିତି ଉପୁଜିଛି । ତେବେ ଅସଲ କଥା କ୍ଷମତାସୀନ ଦଳର ନେତୃବର୍ଗଙ୍କ ଅସହଯୋଗ ଯୋଗୁ ଜିଲ୍ଲାରେ ଏଭଳି ପରିସ୍ଥିତି ଉପୁଜିଥିବା କୁହାଯାଇଛି । କାରଣ ନିର୍ମାଣ ସରିଥିବା ଅଥବା କାର୍ଯ୍ୟାଦେଶ ଥାଇ ମଧ କାର୍ଯ୍ୟ ଆରମ୍ଭ ହୋଇପାରୁନଥିବା ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଲେ ଏହାର ଶ୍ରେୟ ପୂର୍ବ ସରକାରଙ୍କ ଅମଳର ଜିଲ୍ଲା ନେତୃତ୍ୱଙ୍କ ସପକ୍ଷରେ ଯିବ ଏଥିରେ ସନ୍ଦେହ ନାହିଁ । ତେଣୁ ପୂର୍ଣାଙ୍ଗ ହୋଇଥିବା ପ୍ରକଳ୍ପ ଉଦଘାଟନ ହୋଇନପାରିବା କ୍ଷେତ୍ରରେ ହେଉ ଅଥବା ପୂର୍ବ ସରକାରଙ୍କ ଅମଳରେ କାର୍ଯ୍ୟାଦେଶ ହୋଇ କାର୍ଯ୍ୟ ଆରମ୍ଭ ହୋଇ ନପାରିବା କ୍ଷେତ୍ରରେ ହେଉ ପ୍ରକଳ୍ପ ଗୁଡିକୁ ଜାଣି ଶୁଣି ବିଳମ୍ବିତ କରାଯାଉଥିବା ନେଇ ଅଭିଯୋଗ କରିଛନ୍ତି ଭଦ୍ରକବାସୀ । ସରକାର କ୍ରୀଡାର ବିକାଶ ପାଇଁ ପ୍ରତି ବ୍ଲକ ରେ ସମନ୍ୱିତ କ୍ରୀଡା କମ୍ପ୍ଲେକ୍ସ ନିର୍ମାଣ କୁ ଅଗ୍ରାଧିକାର ଦେଉଥିବା କଥା ଗତ ବିଧାନସଭା ଅଧିବେଶନରେ ଧାମନଗର ବିଧାୟକ ତଥା ରାଜ୍ୟ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରକାଶ କରିଛନ୍ତି । ତଦନୁଯାଇ ଭଦ୍ରକ ସହର ସଂଲଗ୍ନ ବାଘୁରାଇ ଠାରେ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ସରି ମଧ ଉଦଘାଟିତ ହୋଇ ପାରୁ ନଥିବା ବେଳେ ଏହି କମ୍ପ୍ଲେକ୍ସ ରେ କାର୍ଯ୍ୟାଦେଶ ସରି ନିର୍ମାଣ ଅପେକ୍ଷାରେ ପଡିରହିଥିବା ୧୧.୭ କୋଟି ଟଙ୍କାର ସୁଇମିଙ୍ଗ ପୁଲ ଏବଂ ୧୦.୭୭ କୋଟି ଟଙ୍କାର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନପାରିବା ପଛରେ ରାଜନୈତିକ ଅସହିଷ୍ଣୁତା ଚିତ୍ର ସ୍ପଷ୍ଟ ହୋଇଛି । କାରଣ ଏହି ସମନ୍ୱିତ ପ୍ରକଳ୍ପ ପାଇଁ ଯେଉଁ ଆପ୍ରୋଚ ରୋଡ଼ ଡିପିଆର ପ୍ରସ୍ତୁତ ହୋଇଥିଲା ବର୍ତମାନର ସରକାର ତାକୁ ଖାରଜ କରି ଅନ୍ୟ ଏକ ଆପ୍ରୋଚ ରୋଡ଼ ପ୍ରସ୍ତାବ ରଖୁଥିବା କୁହାଯାଉଛି । ଯାହାକି ରାଜନୈତିକ ଦୃଷ୍ଟିରୁ ଗ୍ରହଣୀୟ ହେଉଥିଲେ ମଧ ସାଧାରଣ ଜନସ୍ୱାର୍ଥ ଦୃଷ୍ଟିରୁ ଗ୍ରହଣୀୟ ହୋଇପାରୁ ନଥିବା କୁହାଯାଇଛି । ଫଳରେ କାର୍ଯ୍ୟାଦେଶ ଥାଇ ମଧ ପ୍ରକଳ୍ପ ବିଳମ୍ବିତ ହେଉଥିବା କୁହା ଯାଉଛି । ଏହାକୁ ରାଜନୈତିକ ବିବାଦ କୁହାଯିବ ନା ଜିଲ୍ଲାବାସୀଙ୍କ ଦୁର୍ଭାଗ୍ୟ ତାହା ଚର୍ଚ୍ଚାର ବିଷୟ ହୋଇଛି ।

# ବିଜେପି ଦଳ ତରଫରୁ ଜୋନ୍‌ସ୍ତରୀୟ କାର୍ଯ୍ୟକାରିଣୀ ସଭା

କେନ୍ଦ୍ରାପଡ଼ା,୧୦/୪(ନି।ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକର ଆଜି ଭାରତୀୟ ଜନତା ପାର୍ଟି, ଛୋଟି ମଣ୍ଡଳ(୧୩ ନଂ ଜୋନ୍)ରେ, କୁରୁଜଙ୍ଗା ପଂଚାୟତ ମନ୍ତ୍ରୀପଡ଼ାର ମାଆ ପାଟସମୁଳାଇ ଠାକୁରାଣୀଙ୍କ ପୀଠରେ, ମଣ୍ଡଳ ଉପ-ସଭାପତି ତୁଷାର ଘୋଷଙ୍କ ପୌରହିତ୍ୟରେ, ସାଧାରଣ ସମ୍ପାଦକ ଖଗେଶ୍ୱର ସେଠୀଙ୍କ ପରିଚାଳନାରେ, ଏକ ମଣ୍ଡଳସ୍ତରୀୟ ବୈଠକ ହୋଇଥିଲା। ଏହି ବୈଠକରେ ପାଟକୁରା ନେତା, ଭାରତୀୟ ଜନତା ପାର୍ଟିର ରାଜ୍ୟ ପ୍ରବକ୍ତା ଶ୍ରୀ ତେଜେଶ୍ୱର ପରିଡ଼ା, ଏବଂ ମଣ୍ଡଳ ସଭାପତି ଶ୍ରୀ ବିଜୟ କୁମାର ଜେନା ଅତିଥି ଭାବରେ ଯୋଗ ଦେବା ସହିତ, ମଣ୍ଡଳ କମିଟି ଓ ବିଭିନ୍ନ ପଂଚାୟତର ପ୍ରମୁଖମାନେ, ସଞ୍ଜୟ ଦାସ, ପଦ୍ମନାଭ ଦାସ, ଭଗବାନ ପରିଡ଼ା, କୃଷ୍ଣଚନ୍ଦ୍ର ବେହେରା, ଅଭିମନ୍ୟୁ ଦାଶ, ଭିକାରି ଚରଣ ଗିରି,ପ୍ରେମ ମହାନ୍ତି, କିଶୋର ଦାସ, ରାମଚନ୍ଦ୍ର ମଳିକ,ଦାମୋଦର ମଳିକ, ପ୍ରୀତବାଶ ସେଠୀ,ଅମର ମହାନ୍ତି, ତଥା ସମସ୍ତ ବୁଥ୍ ସଭାପତି ଓ ବହୁ ବିଜେପି କର୍ମକର୍ତା ମିଶି ପ୍ରାୟ ଚାରିଶ ଜଣ ଅଧିକ ବୈଠକରେ ସାମିଲ ହୋଇଥିଲେ। ବୈଠକ ଶେଷରେ ଶ୍ରୀ ତେଜେଶ୍ୱର ପରିଡା ଛୋଟି ମଣ୍ଡଳର ବିଭିନ୍ନ ସମସ୍ୟା ବୁଝି ସେସବୁର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ।

# ନବଜାତ କନ୍ୟାକୁ ଫିଙ୍ଗିଦେଲେ: ନର୍ସରୀ ନିକଟରୁ ଉଦ୍ଧାର

ବଲାଙ୍ଗିର,୧୦/୪(ନି।ପ୍ର): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ନେଗୀପାଲି ନର୍ସରୀ ନିକଟରେ କେହି ଫିଙ୍ଗି ଦେଇଥିବା ନବଜାତ କନ୍ୟା ସନ୍ତାନକୁ ସ୍ଥାନୀୟ ଲୋକେ ଓ ପୋଲିସ ଉଦ୍ଧାର କରି ପ୍ରଥମେ ଲୋଇସିଂହା ସିଏଚ୍‌ସି ଓ ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରିଥିବା ଜଣାପଡ଼ିଛି। କିଏ ନବଜାତ କନ୍ୟା ସନ୍ତାନକୁ ଫିଙ୍ଗିଲା ଜଣାପଡ଼ିନାହିଁ। ତେବେ ଅବୈଧ ସମ୍ପର୍କକୁ ଲୁଚାଇବା ଉଦ୍ଦେଶ୍ୟରେ ଏଭଳି କାଣ୍ଡ କରିଥିବା ଚର୍ଚ୍ଚାର ବିଷୟ ହୋଇଛି। ଲୋଇସିଂହା ଥାନା ଆଇଆଇସି ଯାଜ୍ଞସେନୀ ନାୟକ ନବଜାତ କନ୍ୟା ସନ୍ତାନକୁ ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି )ରେ ହାଜର କରିବା ପରେ ନବଜାତ କନ୍ୟାକୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଛି।

# ବିଶ୍ୱ ଦକ୍ଷତା କେନ୍ଦ୍ରରେ ନାମଲେଖା ଲାଗି ମେ ୩ରୁ ଅନଲାଇନ ଆବେଦନ

ଭୁବନେଶ୍ୱର,୧୦/୪(ନି।ପ୍ର): ବିଶ୍ୱ ଦକ୍ଷତା କେନ୍ଦ୍ରର ୨୦୨୫-୨୬ ବ୍ୟାଚରେ ନାମଲେଖା ଲାଗି ଅନଲାଇନ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ଓ 'ସ୍କୁଲ ଅଫ୍ ସର୍ଭିସେସ୍' ବିଭାଗ ଅଧୀନରେ ଥିବା ମୋଟ ୭ଟି ଅତ୍ୟାଧୁନିକ ପାଠ୍ୟକ୍ରମରେ ନାମଲେଖା ପାଇଁ ଆଗ୍ରହୀ ପ୍ରାର୍ଥୀମାନେ ମେ' ୩ ତାରିଖ ସୁଦ୍ଧା ଆବେଦନ କରିପାରିବେ। 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ବିଭାଗ ଅଧୀନରେ ମେକାନିକାଲ ଆଣ୍ଡ ଇଲେକଟ୍ରିକାଲ ସର୍ଭିସେସ୍, ମେକାଟ୍ରୋନିକ୍ସ, ଇଲେକ୍‌ଟ୍ରିକାଲ ଟେକ୍ନୋଲୋଜି, ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନ, ଭର୍ଟିକାଲ ଟ୍ରାନ୍ସପୋର୍ଟେସନ (ଲିଫଫ ଟେକ୍ନୋଲୋଜି) ଏବଂ ପ୍ରିସିସନ ଇଞ୍ଜିନିୟରିଂ ଆଦି ବିଷୟ ରହିଛି। ଏଥିରେ ନାମଲେଖା ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ଆବେଦନ ଆହ୍ୱାନ କରାଯାଉଛି।
ଏହି ଅତ୍ୟାଧୁନିକ ବିଷୟରେ ତାଲିମ ପାଇଁ ପ୍ରାର୍ଥୀ ଓଡ଼ିଶାର କୌଣସି ସରକାରୀ ବା ଘରୋଇ ଶିଳ୍ପ ତାଲିମ କିମ୍ବା ବୈଷୟିକ ଶିକ୍ଷାନୁଷ୍ଠାନରୁ ୨ ବର୍ଷିଆ ଆଇଟିଆଇ/୩ ବର୍ଷିଆ ଡିପ୍ଲୋମା କରିଥିବା ଆବଶ୍ୟକ।
ସେହିପରି 'ସ୍କୁଲ ଅଫ୍ ସର୍ଭିସେସ୍' ବିଭାଗ ଅଧୀନରେ ଅତ୍ୟାଧୁନିକ ବ୍ୟୁଟି ଆଣ୍ଡ ୱେଲନେସ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଏଥିପାଇଁ ପ୍ରାର୍ଥୀ ଯୁକ୍ତ ୨, ସଂପୃକ୍ତ ବିଷୟରେ ଆଇଟିଆଇ କିମ୍ବା କୌଣସି ବିଷୟରେ ଡିପ୍ଲୋମା କରିଥିବା ଆବଶ୍ୟକ। ଆଗ୍ରହୀ ପ୍ରାର୍ଥୀମାନେ ବିଶ୍ୱ ଦକ୍ଷତା କେନ୍ଦ୍ରର ୱେବସାଇଟରେ ପ୍ରଥମେ ପଞ୍ଜୀକରଣ କରିବା ପରେ ନାମଲେଖା ପାଇଁ ଆବେଦନ କରିପାରିବେ। ବିଶ୍ୱ ଦକ୍ଷତା କେନ୍ଦ୍ରରେ ଚଳିତ ବ୍ୟାଚରୁ ଓଡ଼ିଶା ସହିତ ରାଜ୍ୟ ବାହାରର ପ୍ରାର୍ଥୀମାନେ ଆବେଦନ କରିପାରିବେ। ଅନ୍ୟ ରାଜ୍ୟର ପ୍ରାର୍ଥୀମାନଙ୍କ ପାଇଁ ୧୦ ପ୍ରତିଶତ ପର୍ଯ୍ୟନ୍ତ ସିଟ୍ ସଂରକ୍ଷଣ କରାଯିବ। ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ କରାଯାଇଛି। ଏହି କେନ୍ଦ୍ରରେ ଅନ୍ତର୍ଜାତୀୟ ଢାଞ୍ଚାର ପାଠ୍ୟକ୍ରମ ସହ ଆବଶ୍ୟକ ଭିତିଭୂମି, ଅତ୍ୟାଧୁନିକ ଲାବୋରେଟୋରି ଏବଂ ବିଶ୍ୱସ୍ତରୀୟ ବିଭିନ୍ନ ଯନ୍ତ୍ରପାତି ରହିଛି। ଏହି କେନ୍ଦ୍ରରେ ଫିନିସିଙ୍ଗ ସ୍କୁଲ ଢାଞ୍ଚାରେ ଯୁବକଯୁବତୀ ମାନଙ୍କୁ ଆବଶ୍ୟକ ଶିକ୍ଷା ଓ ତାଲିମ ଦିଆଯାଇ ସେମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଶିଳ୍ପ ଓ ସେବା କ୍ଷେତ୍ର ଲାଗି ପ୍ରସ୍ତୁତ କରାଯାଉଛି। ବିଶ୍ୱ ଦକ୍ଷତା କେନ୍ଦ୍ରରେ ଓଡ଼ିଶାର ଛାତ୍ରଛାତ୍ରୀଙ୍କ ରହିବା ଲାଗି ହଷ୍ଟେଲ, ଖାଇବା, ୟୁନିଫର୍ମ ଏବଂ ଯିବା ଆସିବା ଲାଗି ବସ୍ ସୁବିଧା ଆଦି ମାଗଣାରେ ଦିଆଯାଉଛି।
ବିଶ୍ୱ ଦକ୍ଷତା କେନ୍ଦ୍ରରେ ଛାତ୍ରଛାତ୍ରୀମାନଙ୍କୁ ବିଦେଶରେ ଯାଇ ବିଶେଷ ଅନୁଭୂତି ହାସଲ କରିବା ପାଇଁ ସୁଯୋଗ ଦିଆଯାଉଛି। ଏହି ପାଠ୍ୟକ୍ରମ ଅଧୀନରେ କେନ୍ଦ୍ରର ୪୦ ଜଣ ଛାତ୍ରଛାତ୍ରୀଙ୍କୁ ବଛାଯାଇ ଦୁଇ ସପ୍ତାହ ଲାଗି 'ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମରେ ସିଙ୍ଗାପୁର ପଠାଯାଉଛି। ସେହିପରି ପ୍ରତିବର୍ଷ ୨୪ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇ ସିଙ୍ଗାପୁରର ବିଭିନ୍ନ କମ୍ପାନିରେ ପେଡ୍ ଇଂଟର୍ଣ୍ଣସିପ୍ କରିବାର ସୁଯୋଗ ଦିଆଯାଉଛି। ଶିକ୍ଷା ଓ ତାଲିମ ଶେଷ ହେବା ପରେ ଛାତ୍ରଛାତ୍ରୀମାନେ କିପରି ଦେଶ ବିଦେଶର ବିଭିନ୍ନ ପ୍ରମୁଖ ସଂସ୍ଥାରେ ନିଯୁକ୍ତି ପାଇପାରିବେ ସେଥିପାଇଁ 'ପ୍ଲେସମେଂଟ' ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି।

# ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ପାର୍ଶ୍ୱାଞ୍ଚଳର ବଞ୍ଚିତ ବର୍ଗର ବିଦ୍ୟାର୍ଥୀଙ୍କୁ ୨୩.୦୫ ଲକ୍ଷ ଟଙ୍କାର ମେଧାବୃତ୍ତି ପ୍ରଦାନ




ରାଉରକେଲା,୧୦/୪(ନି।ପ୍ର): ରାଉରକେଲା ଇସ୍ପାତ କାରଖାନା ଏହାର କର୍ପୋରେଟ ସାମାଜିକ ଦାୟିତ୍ୱ ପ୍ରୟାସର ଅଂଶ ସ୍ୱରୂପ ପାର୍ଶ୍ୱାଞ୍ଚଳ ଓ ପୁନର୍ବସତି କଲୋନୀର ଅବହେଳିତ ବର୍ଗର ୨୦୦ ଜଣ ଛାତ୍ରଛାତ୍ରୀଙ୍କୁ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ୨୩.୦୫ ଲକ୍ଷ ଟଙ୍କାର ମେଧାବୃତ୍ତି ପ୍ରଦାନ କରିଛି । ସିଏସଆର ବିଭାଗର ସେକ୍ଟର ୨୦ ସ୍ଥିତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନ ଠାରେ ନିକଟରେ ଛାତ୍ରବୃତ୍ତି ବିତରଣ ପାଇଁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଇନ ଚାର୍ଜ ଶ୍ରୀ ପି କେ ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ସିଏସଆର ବିଭାଗର ଜିଏମ ଇନ ଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା, ସିଏସଆର ବିଭାଗର ଜିଏମ ଶ୍ରୀ ବିଭାବସୁ ମଲ୍ଲିକ ଏବଂ ସିଏସଆର ବିଭାଗର ଅନ୍ୟ ଅଧିକାରୀ ମଧ ଉପସ୍ଥିତ ଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଡମି ଚେକ ଓ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ଛାତ୍ରଛାତ୍ରୀମାନଙ୍କର ବୃତ୍ତିଅର୍ଥ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଉଛି। ଛାତ୍ରଛାତ୍ରୀ ମାନଙ୍କ ସହିତ ମତବିନିମୟ କରି ଶ୍ରୀ ସ୍ୱାଇଁ ସେମାନଙ୍କୁ ଉଚ୍ଚ ଲକ୍ଷ୍ୟ ରଖିବା ତଥା ସ୍ୱପ୍ନ ଦେଖିବା ସହ ସେଗୁଡିକୁ ସାକାର କରିବା ନିମନ୍ତେ କଠିନ ଅଧ୍ୟବସାୟ କରିବା ନିମନ୍ତେ ଉତ୍ସାହିତ କରିଥିଲେ। କୁଆରମୁଣ୍ଡା ଗାଁର ବାସିନ୍ଦା ଶେଲମା ଟପ୍ପୋ ଏହି ସହାୟତା ନିମନ୍ତେ କୃତଜ୍ଞତା ଜଣାଇ କହିଥିଲେ, "ମୋ ଝିଅ ଗତ ପାଞ୍ଚ ବର୍ଷ ଧରି ଏହି ଛାତ୍ରବୃତ୍ତି ପାଉଛି। ଏହା ଆମ ଭଳି ସାଧାରଣ ଆୟ ଥିବା ପିତାମାତାଙ୍କ ପାଇଁ ପିଲାଙ୍କ ଶିକ୍ଷାକୁ ଆଗକୁ ନେବାରେ ଏକ ବହୁତ ବଡ଼ ସାହାଯ୍ୟ ହୋଇଛି। ଆରଏସପିର ସହାୟତାକୁ ଆଧାର କରି ଆମେ ଆମର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିପାରିଛୁ। ଏହି ମୂଲ୍ୟବାନ ସହାୟତା ପାଇଁ ମୁଁ ଆରଏସପି କରତୃପକ୍ଷଙ୍କୁ ଆନ୍ତରିକ ଭାବରେ ଧନ୍ୟବାଦ ଜଣାଉଛି।" ଜଣେ ଛାତ୍ରବୃତ୍ତି ଲାଭାର୍ଥୀ ସମର୍ଥ ଟପ୍ପୋ କୁହନ୍ତି "ଆରଏସପି ମାଧ୍ୟମରେ ମୁଁ ପାଇଥିବା ଛାତ୍ରବୃତ୍ତି ସହିତ, ମୁଁ ପୁସ୍ତକ ଏବଂ ଅନ୍ୟାନ୍ୟ ଅଧ୍ୟୟନ ସାମଗ୍ରୀ କିଣିପାରୁଛି। ଏହା ମୋତେ ଉନ୍ନତ ଶିକ୍ଷା ପାଇବାରେ ସକ୍ଷମ କରିଛି। ମୁଁ ଏହି ପଦକ୍ଷେପ ପାଇଁ ଆରଏସପି ନିକଟରେ ପ୍ରକୃତରେ କୃତଜ୍ଞ।"
ପ୍ରାରମ୍ଭରେ ସୁଶ୍ରୀ ମିତ୍ରା ସମାବେଶକୁ ସ୍ୱାଗତ କରିଥିଲେ ଏହି ଯୋଜନା ବିଷୟରେ ସଂକ୍ଷିପ୍ତରେ ଉଲ୍ଲେଖ କରିଥିଲେ। ସିଏସ୍‌ଆର୍ ବିଭାଗର ଏଜିଏମ ଶ୍ରୀ ଟି ବି ଟପ୍ପୋ ଧନ୍ୟବାଦ ଜ୍ଞାପନ କରିଥିଲେ। ସିଏସଆର ବିଭାଗର ମ୍ୟାନେଜର ସୁଶ୍ରୀ ରୀତା ସୁଧୀରମ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।
ସୂଚନାଯୋଗ୍ୟ ଯେ, ଏହି ଯୋଜନା ଅନ୍ତର୍ଗତ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦ୍ୱାରା ଯୋଗ୍ୟ ଛାତ୍ରଛାତ୍ରୀ ମନୋନୀତ ହୋଇଥାନ୍ତି । ଆରଏସପିର ସିଏସଆର ପ୍ରୟାସର ଅଂଶ ସ୍ୱରୂପ ଶିକ୍ଷାର ପ୍ରସାର ନିମନ୍ତେ ଏହି ଯୋଜନା ୨୦୦୭-୦୮ ଆର୍ଥିକ ବର୍ଷରେ ଆରମ୍ଭ ହୋଇଥିଲା। ଏହି ଯୋଜନା ଅଧୀନରେ ମନୋନୀତ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚ ମାଧ୍ୟମିକ ଓ ମାଧ୍ୟମିକ ଶିକ୍ଷା ଲାଭ ନିମନ୍ତେ ବାର୍ଷିକ ୧୨୦୦୦ଟଙ୍କାର ଏବଂ ପ୍ରାଥମିକ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କୁ ମାସିକ ୧୦୮୦୦ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଉଛି।

## ବଡ଼ମାଳ ଗୋଳାବାରୁଦ କାରଖାନାରେ ନିଆଁ : କର୍ମଚାରୀ ଗୁରୁତର

ବଲାଙ୍ଗିର,୧୦/୪(ନି।ପ୍ର): ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ବଡ଼ମାଳ ଗୋଳାବାରୁଦ କାରଖାନାରେ ଲାଗିଲା ନିଆଁ । ୟୁନିଟ୍ ୬ ନମ୍ବର୍ ବିଲଡିଂରେ ନିଆଁ ଲାଗିଛି । ସୂଚନା ଅନୁସାରେ କେମିକାଲ ମିଶାଇବା ସମୟରେ ନିଆଁ ଲାଗିଥିବା ବେଳେ ଘଟଣାରେ ଜଣେ କର୍ମଚାରୀ ଗୁରୁତର ଭାବେ ଆହତ ହେଇଥିବା ଜଣାପଡ଼ିଛି । ଅଗ୍ନିଶମ ବିଭାଗ ଆସି ନିଆଁ ଲିଭାଇଛନ୍ତି । ଆହତ ଜଣକ(ଡିବିଡବ୍ଲୁ) ପୋଷ୍ଟରେ ଥିବା ଶିବ ଶଙ୍କର ଭୋଇ ବୋଲି ଜଣାପଡ଼ିଛି । ଏହି ଦୁର୍ଘଟଣାରେ ତାଙ୍କ ହାତ ସହ ମୁଁହ ଜଳି ଯାଇଥିବା ବେଳେ ଆହତ ଜଣଙ୍କର ସ୍ଥିତି ଗୁରୁତର ଥିବା ଜଣାପଡିଛି ।

# ମହିଳା ଓ ଶିଶୁ ବିକାଶ ବିଭାଗର ସମୀକ୍ଷା ବୈଠକ

ଭୁବନେଶ୍ୱର,୧୦/୪(ନି।ପ୍ର): ଉପ-ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୁଧବାର ମହିଳା ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଟେକ ହୋମ୍ ରାସନ ଯୋଜନା ଅନ୍ତର୍ଗତ ଗତ ନଭେମ୍ବର ମାସରେ ଅନୁଷ୍ଠିତ ଟେକ ହୋମ୍ ରାସନ କନକ୍ଲେଭରେ ଉପସ୍ଥାପିତ ପରାମର୍ଶ ବିଷୟରେ ଏହି ବୈଠକରେ ବିଶଦ ଆଲୋଚନା କରାଯାଇଥିଲା। ଉପ-ମୁଖ୍ୟମନ୍ତ୍ରୀ ମଧ୍ୟପ୍ରଦେଶ, ଉତର ପ୍ରଦେଶ, କର୍ଣ୍ଣାଟକ, ଆସାମ, ତେଲେଙ୍ଗନା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ଆଦି କାର୍ଯ୍ୟକାରୀ ହେଉଥିବା ଟେକ ହୋମ୍ ରାସନ ଉତ୍ପାଦନ ମଡେଲଗୁଡିକ ଉପରେ ଚର୍ଚ୍ଚା କରିଥିଲେ । ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ) ଅଧୀନରେ ହିତାଧିକାରୀଙ୍କୁ ବଣ୍ଟା ଯାଉଥିବା ଟେକ ହୋମ୍ ରାସନର ଗୁଣବତାକୁ ଉନ୍ନତ କରିବା ପାଇଁ ନିଆଯାଉଥିବା ପଦକ୍ଷେପଗୁଡିକର ସମୀକ୍ଷା କରିଥିଲେ । ରାଜ୍ୟର ଟେକ ହୋମ୍ ରାସନ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଦକ୍ଷତା ବୃଦ୍ଧି ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ମହିଳା ଶିଶୁ ବିକାଶ ବିଭାଗର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଜନା ଯଥା ସକ୍ଷମ ଅଙ୍ଗନବାଡି, ମିଶନ ବାତ୍ସଲ୍ୟର କାର୍ଯ୍ୟକାରିତାର ଉପରେ ମଧ ସମୀକ୍ଷା କରିଥିଲେ । ସକ୍ଷମ ଅଙ୍ଗନବାଡି କାର୍ଯ୍ୟକ୍ରମ ମାଧ୍ୟମରେ ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ଅଙ୍ଗନବାଡି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡିରେ ପରିଣିତ କରିବା ନିମନ୍ତେ ରୋଡ଼ମ୍ୟାପ ପ୍ରସ୍ତୁତ କରିବା ପାଇଁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିର୍ଦ୍ଦେଶ ଦେଇଛନ୍ତି। ଆହୁରି ପୁଣି ଚଳିତ ବର୍ଷ ପୋଷ୍ୟ ସନ୍ତାନ ଗ୍ରହଣରେ ଓଡ଼ିଶା ଗତ ସମସ୍ତ ବର୍ଷର ରେକର୍ଡ ଭାଙ୍ଗି ରାଜ୍ୟରେ ସର୍ବାଧିକ ସଂଖ୍ୟାର ପୋଷ୍ୟ ସନ୍ତାନ ଗ୍ରହଣ ହୋଇପାରିଛି ଜାଣି ସେ ଖୁସି ବ୍ୟକ୍ତ କରିବା ସହ ମିଶନ ବାତ୍ସଲ ଅଧୀନରେ ଥିବା ଶିଶୁ ସୁରକ୍ଷା ସେବା ଯଥା ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮ ଓ ଅନ୍ୟ ସେବାଗୁଡିକ ସମ୍ବନ୍ଧରେ ଅଧିକ ଜନ ସଚେତନତା ସୃଷ୍ଟି କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି ।

# ତଥ୍ୟ ପରିଚାଳନା ଏବଂ ବିଶ୍ଳେଷଣ ଅଧ୍ୟୟନ ସମୀକ୍ଷା: ଡାଟା ଗଭର୍ଣ୍ଣାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର,୧୦/୪(ନି।ପ୍ର): ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଡାଟା, ପଲିସି ଏବଂ ଇନୋଭେସନ ସେଣ୍ଟର (ଡିପିଆଇସି) ଦ୍ୱାରା ଡାଟା ସାମର୍ଥ୍ୟ ଆକଳନ ସମ୍ପର୍କିତ ଏକ ବୈଠକ ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଶାସନ ଓ ପ୍ରମାଣ ଭିତ୍ତିକ ନୀତି ନିର୍ଦ୍ଧାରଣ ପାଇଁ ତଥ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।ତଥ୍ୟ ସଂଗ୍ରହ, ବିଶ୍ଳେଷଣଏବଂ ପ୍ରଶାସନିକ ତଥ୍ୟ ପ୍ରଦାନରେ ଅତ୍ୟାଧୁନିକ ଜ୍ଞାନକୌଶଳକୁ ଗ୍ରହଣ କରିବା ଏବଂ ନିଷ୍ପତ୍ତି ନେବା ପାଇଁ ଉନ୍ନତ ବିଶ୍ଳେଷଣ ଉପକରଣର ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏକ ସାଧାରଣ ଏବଂ ମାନକ ପଦ୍ଧତି ମାଧ୍ୟମରେ ସମସ୍ତ ବିଭାଗରେ ଡାଟା ଗଭର୍ଣ୍ଣାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଆଲୋଚନାରେ ସୂଚନା ଓ ପ୍ରଯୁକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଉଚ୍ଚ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ, ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ଡିପିଆଇସିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡିପିଆଇସି ତରଫରୁ ଶ୍ରୀମତୀ ଉର୍ମିଳା ଚାଟାର୍ଜୀ ଡାଟା ପରିଚାଳନା, ଡାଟା ଆନାଲିଟିକ୍ସ ଏବଂ ଦକ୍ଷତାରେ ଉନ୍ନତି ଆଣିବା କ୍ଷେତ୍ରରେ ବିଭାଗଗୁଡିକର ସାମର୍ଥ୍ୟକୁ ନେଇ ଡିପିଆଇସି ଦ୍ୱାରା କରାଯାଇଥିବା ତ୍ୱରିତ ଆକଳନ ଉପସ୍ଥାପନ କରିଥିଲେ । ବିଭାଗଗୁଡ଼ିକ ମଧ୍ୟରେ ଡାଟା ଆଦାନପ୍ରଦାନ, ତଥ୍ୟ ଉପଲବ୍ଧତାରେ ସୁରକ୍ଷା, ତଥ୍ୟ ସଂରକ୍ଷଣ, ବ୍ୟାକଅପ୍ ଏବଂ ଡାଟା ଗୁଣବତ୍ତା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ତଥ୍ୟ ପରିଚାଳନାରେ ସୁଦୃଢ ଓ ସୁରକ୍ଷିତ ଭିତ୍ତିଭୂମି, ବ୍ୟାକଅପ୍, ବିପର୍ଯ୍ୟୟ ପୁନରୁଦ୍ଧାର ପ୍ରୋଟୋକଲ୍, ମାନକ ଫର୍ମାଟ୍ର ବ୍ୟବହାର, ରହିଥିବା ସିଷ୍ଟମ୍ ଏବଂ ବିଭାଗ ଗୁଡ଼ିକ ପରସ୍ପରକୁ ତଥ୍ୟ ଆଦାନ ପ୍ରଦାନ ପରିଚାଳନା ଆବଶ୍ୟକତା ଉପରେ ଉପସ୍ଥାପନାରେ ଆଲୋକପାତ କରାଯାଇଥିଲା।



ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୧ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 11 APRIL 2025
Vol.No. 36 ■ No.95 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଭାରତରେ ପହଞ୍ଚିଲା ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ: ଗିରଫ କଲା ଏନଆଇଏ

ନୂଆଦିଲ୍ଲୀ, ୧୦/୪ : ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତହଓ୍ୱୁର ରାଣାଙ୍କୁ ଭାରତ ଅଣାଯାଇଛି। ଆମେରିକାରୁ ତାଙ୍କୁ ଆଣୁଥିବା ସ୍ୱତନ୍ତ୍ର ବିମାନଟି ପାଲମ ବିମାନବନ୍ଦରରେ ଅବତରଣ କରିଥିଲା। ଏଠାରୁ ତାଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ଏନଆଇଏ କାର୍ଯ୍ୟାଳୟକୁ ନିଆଯିବ। ପାଲମ ବିମାନବନ୍ଦର ବାହାରେ ପୋଲିସ ବ୍ୟାରିକେଡ ଲଗାଇଛି। ସୂତ୍ର ଅନୁଯାୟୀ, ବିମାନରେ ଉପସ୍ଥିତ ଅଧିକାରୀଙ୍କ ଫୋନ ବନ୍ଦ ଥିଲା। ଦିଲ୍ଲୀ ପୋଲିସର ତୃତୀୟ ବାଟାଲିୟନ ବିମାନବନ୍ଦରରେ ପହଞ୍ଚିଛି। ଭାରତରେ ପହଞ୍ଚିବା ମାତ୍ରେ ଏନଆଇଏ ତାହାଙ୍କୁ ଗିରଫ କରିଛି। ତାଙ୍କ ବିରୁଦ୍ଧରେ ୟୁଏପିଏ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତହଓ୍ୱୁର ରାଣାଙ୍କ ପାଇଁ ପୋଲିସ ଦୁଇଟି ରାସ୍ତା ତିଆରି କରିଛି। ପାଲମ ବିମାନବନ୍ଦରରୁ ପଟିଆଲା ହାଉସ କୋର୍ଟର ଦୂରତା ୧୪ କିଲୋମିଟର। ଆମେରିକାରୁ ଭାରତ




ଅଣାଯାଇଥିବା ତହଓ୍ୱୁର ରାଣାଙ୍କୁ ଏନଆଇଏ ୟୁଏପିଏ ଅଧୀନରେ ଗିରଫ କରିଥିଲା। ଏହା ପରେ, ଏନଆଇଏ ପକ୍ଷରୁ ଏକ ବିବୃତ୍ତି ଜାରି କରାଯାଇଥିଲା ଯେ ମୁମ୍ବାଇ ଆକ୍ରମଣର ଅଭିଯୁକ୍ତ ତହଓ୍ୱୁର ରାଣାଙ୍କୁ ସଫଳତାର ସହ ପ୍ରତ୍ୟର୍ପଣ କରାଯାଇଛି। ଦିଲ୍ଲୀ ଟ୍ରାଫିକ ପୋଲିସ ଆତଙ୍କବାଦୀ ତହଓ୍ୱୁର ରାଣାଙ୍କୁ ପଟିଆଲା ହାଉସ କୋର୍ଟ ଏବଂ ଏନଆଇଏ ମୁଖ୍ୟାଳୟକୁ ନେବା ପାଇଁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛି। ଦିଲ୍ଲୀ ଟ୍ରାଫିକ ପୋଲିସ ରାଣାଙ୍କୁ ନେବା ପାଇଁ ତିନୋଟି ରାସ୍ତା ତିଆରି କରିଛି। ଏହା ବ୍ୟତୀତ ୨ଟି ବିକଳ୍ପ ରାସ୍ତା ମଧ୍ୟ ପ୍ରସ୍ତୁତ କରାଯାଇଛି। ଯଦି ସ୍ଥିର ରାସ୍ତାରେ କୌଣସି ସମସ୍ୟା ହୁଏ, ତେବେ ଏକ ବିକଳ୍ପ ରାସ୍ତା ବ୍ୟବହାର କରାଯିବ। ଗ୍ରୀନ କରିଡର ନିର୍ମାଣ କରାଯାଉନାହିଁ, କିନ୍ତୁ ରେଡ ଲାଇଟରେ ଗ୍ରୀନ ସିଗନାଲ ଦିଆଯିବ। ପାଲମ ଏୟାରବେସରୁ ଏନଆଇଏ ମୁଖ୍ୟାଳୟର ଦୂରତା ୧୭ କିଲୋମିଟର। ପଟିଆଲା ହାଉସ କୋର୍ଟରୁ ୧୪ କିଲୋମିଟର ଦୂରତା ଅଛି। ଆତଙ୍କବାଦୀ ତହଓ୍ୱୁର ରାଣାଙ୍କୁ ସ୍ୱତନ୍ତ୍ର ଏନଆଇଏ ବିଚାରପତି ଚନ୍ଦ୍ରଜିତ ସିଂହଙ୍କ କୋର୍ଟରେ ହାଜର କରାଯିବ। ଏନଆଇଏ ତହଓ୍ୱୁର ରାଣାଙ୍କୁ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ବର୍ଣ୍ଣନା କରିଛି।

## ଆଜି ଆସିବେ ନଡ୍ଡା: ଆୟୁଷ୍ମାନ ଭାରତର କରିବେ ଉଦ୍‌ଘାଟନ

ଭୁବନେଶ୍ୱର, ୧୦/୪ (ନି.ପ୍ର): ଆସନ୍ତାକାଲିଠୁ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା। ଏନେଇ ଆଜି ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ରାଜ୍ୟ ବିଜେପି ସଭାପତି କହିଛନ୍ତି ଯେ, ଆସନ୍ତାକାଲି ଅପରାହ୍ନ ୧ଟାରେ ଭୁବନେଶ୍ୱର ବିମାନବନ୍ଦରରେ ନଡ୍ଡା ପହଞ୍ଚିବେ। ପରେ ସେଠାରୁ ସିଧାସଳଖ କଟକ ଯିବେ। ସେଠାରେ କଟକର ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା କାର୍ଯ୍ୟକ୍ରମରେ ଯୋଗଦେବେ, ଏହାର ଉଦଘାଟନ ମଧ୍ୟ କରିବେ। ଏହି ସମୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଅନ୍ୟ ନେତା ମନ୍ତ୍ରୀ ଉପସ୍ଥିତ ରହିବେ। ପରେ ଏମ୍ସରେ ଏକ କାର୍ଯ୍ୟକ୍ରମରେ



ଯୋଗ ଦେଇପାରନ୍ତି ନଡ୍ଡା। ସେହିପରି ୧୨ ତାରିଖରେ ପୁରୀ ଗସ୍ତରେ ଯିବେ ନଡ୍ଡା। ସେଠାରେ ବିଜେପି ପ୍ରଶିକ୍ଷଣ ଶିବିର ଉଦଘାଟନ କରିବେ। ଏଥିସହ କର୍ମଶାଳାରେ ବିଧାୟକ, ସାଂସଦ ଓ କର୍ମୀଙ୍କୁ ଗୁରୁମନ୍ତ୍ର ଦେବେ ନଡ୍ଡା। ଆୟୁଷ୍ମାନ ଭାରତ ଦ୍ୱାରା ରାଜ୍ୟରେ ୩ କୋଟି ୫୦ ଲକ୍ଷ ଏହାର ସୁବିଧା ପାଇବେ। ଆସନ୍ତାକାଲି ଆୟୁଷ୍ମାନ ଭାରତ କାର୍ଡ ମଧ୍ୟ ବଣ୍ଟନ କରାଯିବ ବୋଲି ସୂଚନା ରହିଛି।

## ଆଇଏଏସ ସ୍ତରରେ ଅଦଳବଦଳ କଲେ ରାଜ୍ୟ ସରକାର

ଭୁବନେଶ୍ୱର, ୧୦/୪ (ନି.ପ୍ର): ଗୁରୁବାର ଓଡ଼ିଶା ସରକାର ଭାରତୀୟ ପ୍ରଶାସନିକ ସେବା କ୍ୟାଡରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। ତଦନୁସାରେ, ବର୍ତ୍ତମାନ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଆରାଧନା ଦାସଙ୍କୁ ବିଭାଗର ଯୁଗ୍ମ ସଚିବ ଭାବରେ ନିଯୁକ୍ତ କରାଯାଇଛି। ଧରମ ହାଂସଦା ଜଙ୍ଗଲ ପରିବେଶ ବିଭାଗର ଯୁଗ୍ମ ସଚିବ, ରୀନା ମହାପାତ୍ର ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗର ଯୁଗ୍ମ ସଚିବ ନିଯୁକ୍ତ କରାଯାଇଛି।

## କାଶୀକୁ ୩୮୮୪ କୋଟିର ୪୪ଟି ପ୍ରକଳ୍ପ ଭେଟି ଦେବେ ପିଏମ ମୋଦି

ବାରଣାସୀ, ୧୦/୪ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ତାଙ୍କ ସଂସଦୀୟ କ୍ଷେତ୍ର କାଶୀକୁ ୫୦ତମ ଗସ୍ତରେ ଆସୁଛନ୍ତି । ଏହି ଅବସରରେ ସେ ୩୮୮୪.୧୮ କୋଟି ଟଙ୍କାର ୪୪ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ । ଏହି କାର୍ଯ୍ୟକ୍ରମ ରାଜାତାଲାବର ମେହନ୍ଦୀଗଂଜ କ୍ଷେତ୍ରରେ ଆୟୋଜିତ ହେବ, ଏଠାରେ ପିଏମ ମୋଦି ଏକ ବିଶାଳ ଜନସଭାକୁ ସଂବୋଧିତ କରିବେ । ବିଜେପି କାଶୀ କ୍ଷେତ୍ରର ଅଧ୍ୟକ୍ଷ ଦିଲ୍ଲୀପ ପଟେଲଙ୍କ ଅନୁସାରେ ପ୍ରଧାନମନ୍ତ୍ରୀ ମୋଦି କାର୍ଯ୍ୟକ୍ରମ ସ୍ଥଳରେ ପ୍ରାୟ ୧୬୨୯.୧୩ କୋଟିର ୧୯ଟି ପ୍ରକଳ୍ପର ଲୋକାର୍ପଣ କରିବେ । ଏଥିରେ ଜଳ ଜୀବନ ଅନ୍ତର୍ଗତ ୩୪୫.୧୨ କୋଟି ଟଙ୍କାର ୧୩୦ ଗ୍ରାମିଣ ପେୟଜଳ ଯୋଜନା ପ୍ରମୁଖ ରହିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ୨୨୫୫.୦୫ କୋଟି ଟଙ୍କାର ୨୫ଟି ନୂଆ ପ୍ରକଳ୍ପର ବି ଶିଳାନ୍ୟାସ କରିବେ ।

## ୫୦ ହଜାର ଟଙ୍କାର ୫୦୦ ଟଙ୍କିଆ ଜାଲ ନୋଟ୍ ଜବତ: ୨ ଗିରଫ

ଟିଟିଲାଗଡ଼ , ୧୦/୪ (ନି.ପ୍ର): ଓଡ଼ିଶାରେ ଲମ୍ବିଛି କି ଜାଲ ନୋଟ୍ ରାକେଟର ଚେର । ଗୋଟିଏ ପରେ ଗୋଟିଏ ଜାଗାରେ ଜାଲ ନୋଟ୍ କାରବାର ଘଟଣା ସାମ୍ନାକୁ ଆସିବା ପରେ ଜାଲ ନୋଟକୁ ନେଇ ବଢୁଛି ଚର୍ଚ୍ଚା । ମୁଣ୍ଡ ବିନ୍ଧା ବଢ଼ାଇଲାଣି ଜାଲ ନୋଟ୍ । ଜାଲ ନୋଟ୍ କାରବାରର ପର୍ଦ୍ଦାଫାସ କଲା କ୍ରାଇମ୍ ବ୍ରାଞ୍ଚ ଏସଟିଏଫ ।ଏସମ୍ପର୍କରେ ଭୁବନେଶ୍ୱର ଝଞ୍ଜର ଏବଂ ଟିଟିଲାଗଡ଼ ପୋଲିସ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ଏକ ବ୍ୟାଗରେ ନକଲି ନୋଟ୍ ରଖି ମୂଲଚାଲ ପାଇଁ ଏକ ପାର୍ଟିକୁ ଅପେକ୍ଷା କରିଥିବା ଦୁଇ ଅଭିଯୁକ୍ତଙ୍କୁ ମାଡ଼ି ବସିଥିଲା ପୋଲିସର ଟିମ୍ । ରାଜଧାନୀ ଭୁବନେଶ୍ୱର ପରେ ବଲାଙ୍ଗିର ଟିଟିଲାଗଡ଼ରୁ ଧରାପଡ଼ିଛି ଜାଲ ନୋଟ୍ । ଟିଟିଲାଗଡ଼ରୁ ୫୦ ହଜାର ଟଙ୍କାର ୫୦୦ ଟଙ୍କିଆ ଜାଲ ନୋଟ୍ ଜବତ କରିଛି ପୋଲିସ । ଏହାସହ ସହ ୨ ଜଣଙ୍କୁ ଗିରଫ କରିଛି କ୍ରାଇମ୍ ବ୍ରାଞ୍ଚ ଏସଟିଏଫ । ଏହି ଅଭିଯୁକ୍ତ ମାନେ ହାଇ କ୍ୱାଲିଟି ଜାଲ ନୋଟ୍ ଛାପୁଥିଲେ । ତେଣୁ କେଉଁଠୁ ଜାଲ ନୋଟ୍ ଛାପିବା ପାଇଁ ମେଟେରିଆଲ ଆଣୁଥିଲେ, କାହାକୁ ଜାଲ ନୋଟ୍ ଦେଉଥିଲେ, ଏସବୁ ଦିଗରେ

▶▶ପୃଷ୍ଠା ୭

## ଫୁଲ୍ ସସପେନ୍ସ : ଫେରିଲେ ସସ୍ମିତ୍, କିନ୍ତୁ କହିଲେନି କିଛି

ଭୁବନେଶ୍ୱର, ୧୦/୪ (ନି.ପ୍ର): ବିଜେଡିରେ ତମ୍ବିତୋଫାନ ଚାଲିଥିବା ବେଳେ ବିଦେଶ ଗସ୍ତରୁ ଫେରିଛନ୍ତି ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର। ବାହାରକୁ ଆସିବ କି ପ୍ରକୃତ ସତ? ଓ୍ୱକଫ୍ ବିଲ୍‌କୁ ସମର୍ଥନ କରିବା ପାଇଁ କହିଥିଲା କିଏ? ଖୋଲିବେ ତାଙ୍କ ମୁହଁ ? ଖୋଲିଯିବ ବିଜେଡିର ସବୁପୋଲ। ନାଟକ କରୁଛି କି ବିଜେଡି ? କାହିଁକି ଚୁପ୍ ରହୁଛନ୍ତି ବିଜେଡି ସୁପ୍ରିମୋ ନବୀନ। ଏପରି



ନାନା ଆଶଙ୍କା ଭିତରେ ଦିଲ୍ଲୀରେ ପହଞ୍ଚିବା ପରେ ସସ୍ମିତ କିଛି କହିବାକୁ ରୋକଠୋକ୍ ମନା କରିଦେଇଛନ୍ତି। ଓ୍ୱକଫ୍ ବିଲ୍‌କୁ ସମର୍ଥନ କରିବା ପରେ ବିଦେଶ ଗସ୍ତରେ ପଳାଇଥିଲେ ସସ୍ମିତ। ତା' ପରେ ବିଜେଡିରେ ସୃଷ୍ଟିହୋଇଥିଲା ତମ୍ବିତୋଫାନ। ଦଳୀୟ ନେତାଙ୍କ ମଧ୍ୟରେ ଚାଲିଥିଲା ବାକ୍ ଯୁଦ୍ଧ। ନବୀନ ନିବାସରେ ହୋଇଥିଲା ବରିଷ୍ଠନେତାଙ୍କ ମେଳି। ଏହି ସବୁ ଖେଳର ମାଷ୍ଟର ମାଇଣ୍ଡ ପାଣ୍ଡିଆନ ବୋଲି କେଉଁ ନେତା କହିଥିବା ବେଳେ କିଏ ସସ୍ମିତକୁ ଦେଇଥିଲା ଦୋଷ। ଏହାକୁ ନେଇ ସରଗରମ ଥିଲା ରାଜ୍ୟ ରାଜନୀତି।

▶▶ପୃଷ୍ଠା ୭

## ହ୍ୱାଟ୍ସଆପ୍ ଚାଟିଂ ଖୋଲିବ କନଷ୍ଟେବଲ ଯଶୋଦା ଦାସଙ୍କ ମୃତ୍ୟୁର ରହସ୍ୟ

ବାଲେଶ୍ୱର, ୧୦/୪ (ନି.ପ୍ର): ମୃତ ମହିଳା କନଷ୍ଟେବଲ ଯଶୋଦା ଦାସଙ୍କ ମୃତ୍ୟୁର ରହସ୍ୟ ଖୋଲିବ ତାଙ୍କ ହ୍ୱାଟ୍ସଆପ୍ ଚାଟିଂ। ଏହି ରହସ୍ୟମୟ ମୃତ୍ୟୁକୁ ଭେଦ କରିବାରେ ପୋଲିସକୁ ତାଙ୍କ



ମୋବାଇଲ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି। ରିପୋର୍ଟ ଅନୁଯାୟୀ, ମୃତ କନଷ୍ଟେବଲ ମାର୍ଚ୍ଚ ୭ ତାରିଖରେ ବାଲେଶ୍ୱରରେ ତାଙ୍କ ପୋଲିସ ବାରାକରେ ଆତ୍ମହତ୍ୟା କରିବା ପୂର୍ବରୁ ତାଙ୍କ ହ୍ୱାଟ୍ସଆପ୍‌ରେ ଏକ ଭାବପ୍ରବଣ ଷ୍ଟାଟସ୍ ଶେୟାର କରିଥିବାରୁ ପୋଲିସ ରହସ୍ୟମୟ ମାମଲାରେ କିଛି ସୁରାକ ପାଇବା ପାଇଁ ତାଙ୍କ ଫୋନ୍ ଏବଂ ହ୍ୱାଟ୍ସଆପ୍ ଚାଟିଂକୁ ଅତି ନିକଟରୁ ଯାଞ୍ଚ କରୁଛି।

▶▶ପୃଷ୍ଠା ୭

## ନବୀନଙ୍କ ଆକ୍ଷେପ, ପ୍ରଭାତଙ୍କ ଜବାବ: କିଏ କହୁଛି ମିଛ, କିଏ କହୁଛି ସତ ?

ଭୁବନେଶ୍ୱର, ୧୦/୪ (ନି.ପ୍ର): ସାହସ ଦେଖାଇଲେ, ତଥ୍ୟ ଓ ପ୍ରମାଣ ରଖି ନବୀନଙ୍କ ଅସଲ ମୁଖା ଖୋଲିଦେଲେ ପୂର୍ବତନ ବାଙ୍କୀ ବିଧାୟକ ପ୍ରଭାତ ତ୍ରିପାଠୀ । ଦ୍ୱିତୀୟ କ୍ଷମତାକେନ୍ଦ୍ର ୧୦ ମାସ ପୂର୍ବରୁ ଦଳର ସଙ୍କଟମୋଚକ ଭାବେ ପରିଚିତ କରିଥିଲେ । ଏବେ ଦଳରେ ନଥିବାର ସାର୍ଟିଫିକେଟ କିଭଳି ଧରାଇଲେ ବୋଲି ନମ୍ବର



୧ କ୍ଷମତାକେନ୍ଦ୍ରକୁ ପ୍ରଶ୍ନ କରିଛନ୍ତି ପ୍ରଭାତ । ଓ୍ୱାକଫ ବିଲକୁ ନେଇ ନବୀନ ଅସମ୍ଭବ ନୀରବତା ଅବଲମ୍ବନ କରିଛନ୍ତି । ହେଲେ ପାଣ୍ଡିଆନଙ୍କ ନାଁ ନେଲେ, ନବୀନ ଚିହିଁକି ଉଠୁଛନ୍ତି । ଆଉ ଏହି କ୍ରମରେ ନବୀନଙ୍କ ରୋଷର ପ୍ରଥମ ଶିକାର ହୋଇଛନ୍ତି ଦଳର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ । ଦୁଇ ଧାଡ଼ିଆ କଥା କହି ପ୍ରଭାତଙ୍କ ପତ୍ତା କାଟିଛନ୍ତି ନବୀନ । ଅନ୍ୟପଟେ ୪୦ ମିନିଟର ପ୍ରେସମିଟ କରି କଡାଗଣ୍ଡା କରି ହିସାବ ରଖିଛନ୍ତି ନିଜେ ପ୍ରଭାତ ।

▶▶ପୃଷ୍ଠା ୭

## ଉଧମପୁର ଓ କିସ୍ତବାଡ଼ରେ ଆତଙ୍କବାଦୀଙ୍କୁ ତଲାସ୍ ଅଭିଯାନ ଜୋରଦାର୍

ଉଧମପୁର, ୧୦/୪: ସୁରକ୍ଷା ବଳ ଜମ୍ମୁର ଉଧମପୁର ଓ କିସ୍ତବାଡ଼ ଜିଲ୍ଲାରେ ଗତକାଲି ରାତି ତମାମ ଘେରାବନ୍ଦୀ ପରେ ଆତଙ୍କବାଦୀଙ୍କୁ ତଲାସ୍ ରେ ଗୁରୁବାର ଅଭିଯାନକୁ ଆହୁରି ଜୋରଦାର୍ କରିଛି । ଏସବୁ ଅଂଚଳରେ ସକ୍ରିୟ ଆତଙ୍କବାଦୀଙ୍କ ଉପରେ ନଜର ରଖିବା ପାଇଁ ଅତିରିକ୍ତ ଉପସ୍ଥିତି ସହିତ ତଲାସୀ ଅଭିଯାନ ଚାଲିଛି । ଅଧିକାରୀ ମାନେ କହିଛନ୍ତି ଯେ, ଆତଙ୍କବାଦୀଙ୍କ ସହିତ ସମ୍ପର୍କ ସ୍ଥାପିତ ହେବା ପରେ ବୁଧବାର ଉଧମପୁର ଜିଲ୍ଲାର ଜୋଫର-ମାର୍ଟା ବେଲ୍ଟ ଏବଂ କିସ୍ତବାଡ଼ ଜିଲ୍ଲାର ଚଟରୁ ବେଲ୍ଟ ରେ ସୁରକ୍ଷା ବଳ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ସଂକ୍ଷିପ୍ତ ସଂଘର୍ଷ

▶▶ପୃଷ୍ଠା ୭

## ବାଂଲାଦେଶକୁ ମହଙ୍ଗା ପଡ଼ିଲା ଚୀନ ପ୍ରେମ

ନୂଆଦିଲ୍ଲୀ, ୧୦/୪ : ବହୁତ ସହିଲା ଭାରତ ଏବେ ସିଧା ଆକ୍ସନ୍ , ଯାହା କେବେ ବାଂଲାଦେଶ ସ୍ୱପ୍ନରେ ଭାବିନଥିବ ଭାରତ ଏମିତି କରିପାରେ । ପ୍ରତ୍ୟେକ ଦିନ ଭାରତ ବିରୋଧରେ ବାଂଲାଦେଶର ନେତା, ଜନତା ଏମିତିକି ଅନ୍ତରୀଣ ମୁଖ୍ୟ ୟୁନୁସ୍ ମଧ୍ୟ ପ୍ରତିକ୍ରିୟା ଦିଅନ୍ତି । ଯେଉଁ ଭାରତ ପାଇଁ ବାଂଲାଦେଶ ଆଜି ଛିଡା ହୋଇଛି ସେହି ଭାରତ ବିରୋଧରେ ପ୍ରତିବାଦ ସହ ପୋଡାଜଳା କରୁଛି । ବାଂଲାଦେଶ ଉପରେ ଭାରତର ମାଷ୍ଟର ଷ୍ଟ୍ରୋକ୍ । ସିବିଆଇସି ଏକ ସରକ୍ୟୁଲାର ଜାରି କରିଛି , ସେଥିରେ ଲେଖା ଅଛି ବୋର୍ଡ ତାର ୨୯ ଜୁନ୍ ୨୦୨୦ର ପୁରୁଣା ଆଦେଶକୁ ବାତିଲ



କରିଦେଇଛି । ସେହି ସମୟରେ, ବାଂଲାଦେଶରୁ ଆସୁଥିବା ସାମଗ୍ରୀଗୁଡ଼ିକୁ ଭାରତ ଦେଇ ଅନ୍ୟ ଦେଶକୁ ପଠାଇବାକୁ ଅନୁମତି ଦିଆଯାଇଥିଲା । ଏହି ସାମଗ୍ରୀ ସ୍ଥଳପଥ ଦେଇ ଭାରତୀୟ ବନ୍ଦର ଏବଂ ବିମାନବନ୍ଦରରେ ପହଞ୍ଚିଥିଲା । ଏହାର ଉଦ୍ଦେଶ୍ୟ ଥିଲା ଯେ ବାଂଲାଦେଶ ସହଜରେ ଭୁଟାନ୍, ନେପାଳ ଏବଂ ମିଆଁମାର ଭଳି ଦେଶକୁ ସାମଗ୍ରୀ ପଠାଇପାରିବ । ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ କହିଛି, ନୂତନ ଅର୍ଡର ପରେ ତୁରନ୍ତ ଏହି ସୁବିଧାକୁ ବନ୍ଦ କରି ଦିଆଯାଇଥିଲା । କିନ୍ତୁ ଯେଉଁ ସାମଗ୍ରୀଗୁଡ଼ିକ ଭାରତରେ ପହଞ୍ଚି ସାରିଛି, ସେଗୁଡ଼ିକୁ ପୁରୁଣା ନିୟମ ଅନୁଯାୟୀ ବାହାରକୁ ଯିବାକୁ ଅନୁମତି ଦିଆଯିବ । 'ଟ୍ରାନ୍ସସିପମେଣ୍ଟ'ର ଅର୍ଥ ହେଉଛି ଗୋଟିଏ

▶▶ପୃଷ୍ଠା ୭

## କର୍ଣ୍ଣାଟକ ବିଜେପି ଓ ଜେଡିଏସ୍ ମେଣ୍ଟରେ ଫାଟ : ଏକାଠି ଥାଇ ବି ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ କରି ଶକ୍ତି ପ୍ରଦର୍ଶନ କରୁଛନ୍ତି ଦଳ

ନୂଆଦିଲ୍ଲୀ, ୧୦/୪ : କର୍ଣ୍ଣାଟକ କଂଗ୍ରେସ ସରକାର ମୁସଲିମ୍ ତୃଷ୍ଟୀକରଣ, ଦରବୃଦ୍ଧି ତଥା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ପାଣ୍ଠିର ଅପବ୍ୟବହାର ଅଭିଯୋଗରେ ଗତ ଏପ୍ରିଲରେ ବିଜେପି ଜନ ଆକ୍ରୋଶ ଯାତ୍ରା ନାମରେ ବିକ୍ଷୋଭ ଆରମ୍ଭ କରିଛି । ଏହି ଯାତ୍ରା ରାଜ୍ୟରେ ୧୬ ଦିନ ପଦଯାତ୍ରା କରି ସରକାରଙ୍କ



ଦୋଷତ୍ରୁଟି ସାଧାରଣ ଜନତାଙ୍କୁ ଜଣାଇବ । ମାତ୍ର କୌଣସି କ୍ଷେତ୍ରରେ ନିଜ ମେଣ୍ଟ ସାଥୀ ଜେଡିଏସକୁ ସାମିଲ କରିବ ନାହିଁ । ଏହି ଯାତ୍ରା ଦ୍ୱାରା ମୁଖ୍ୟ ବିରୋଧୀଦଳ ହିସାବରେ ବିଜେପିକୁ ସବୁ ରାଜନୈତିକ ଫାଇଦା ଦେବାକୁ ଜେଡିଏସ୍ ଚାହୁଁନାହିଁ । କଂଗ୍ରେସ ସରକାର ଦରଦାମ୍ ବୃଦ୍ଧି ପ୍ରତିବାଦରେ

▶▶ପୃଷ୍ଠା ୭

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୧ ଏପ୍ରିଲ ୨୦୨୫, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ରାଜ୍ୟପାଳଙ୍କ କ୍ଷମତା....

ଏକ ଯୁଗାନ୍ତକାରୀ ରାୟ ପ୍ରଦାନ କରି ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟ ତାମିଲନାଡୁ ରାଜ୍ୟପାଳ ଆରଏନ୍ ରବିଙ୍କ ଦ୍ୱାରା ୧୦ ଗୋଟି ପୁନଃପ୍ରଣୀତ ରାଜ୍ୟ ବିଲ୍‌କୁ ପ୍ରଭାବଶାଳୀ ଭାବରେ ଅବରୋଧ କରିବା ସହିତ ରାଷ୍ଟ୍ରପତିଙ୍କ ସ୍ୱାକ୍ଷର ହାସଲ କରିବାକୁ କହିବା ଭଳି ନିଆଯାଇଥିବା ନିଷ୍ପତ୍ତିକୁ ଖାରଜ କରିଛନ୍ତି- ବିଶେଷକରି ଏମିତି ଏକ ସମୟରେ, ଯେତେବେଳେ କି ଅନେକ ସଂଖ୍ୟକ ରାଜ୍ୟପାଳ ଯେଉଁମାନେ ବିଜେପିକୁ ବିରୋଧ କରୁଥିବା ରାଜ୍ୟମାନଙ୍କରେ ସେମାନଙ୍କ ବିରୋଧରେ ହେଉଥିବା ଅଭିଯୋଗଗୁଡ଼ିକ ବିରୁଦ୍ଧରେ ସଂଘର୍ଷ କରୁଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା, ଯାହା ଗୁରୁତ୍ୱାରୋପ କରୁଛି ଯେ ରାଜ୍ୟପାଳମାନେ ସମ୍ବିଧାନର ଧାରା ୨୦୦ ଅଧୀନରେ ସେମାନଙ୍କ କ୍ଷମତାର ଉପଯୋଗ କରିବା ସମୟରେ ରାଜ୍ୟମାନଙ୍କ ମନ୍ତ୍ରୀ ପରିଷଦର ସହାୟତା ଏବଂ ପରାମର୍ଶକ୍ରମେ କାର୍ଯ୍ୟ କରିବା ଆବଶ୍ୟକ, ଯାହାକି ବିଲ୍‌ଗୁଡ଼ିକୁ ଆଇନରେ ପରିଣତ କରିବା ନିମନ୍ତେ ରାଜ୍ୟପାଳଙ୍କ ସ୍ୱାକ୍ଷର ଆବଶ୍ୟକ କରିଥାଏ। ତେଣୁ ସମ୍ପ୍ରତି ସୁପ୍ରିମକୋର୍ଟ ପ୍ରଦାନ କରିଥିବା ରାୟ ଏକ ଐତିହାସିକ ରାୟ, ଏଇ ଦୃଷ୍ଟିରୁ ଯେ ଏହା ସମ୍ବିଧାନ ଏବଂ ଗଣତନ୍ତ୍ରର ମୂଲ୍ୟବୋଧଗୁଡ଼ିକ ଉପରେ ପ୍ରାଥମିକତା ପ୍ରଦାନ କରିଛି । ଏକ ବିଲ୍ ଅନୁମୋଦନକୁ ରାଜ୍ୟପାଳ ଅଟକାଇବା ଏବଂ ରାଷ୍ଟ୍ରପତିଙ୍କ ବିଚାର ନିମନ୍ତେ ସଂରକ୍ଷିତ କରି ରଖିବା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ଅବଧି ସମୟ ସୀମା ପ୍ରସ୍ତୁତ କରିବା ପକ୍ଷରେ କୋର୍ଟ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ଭାରତର ସଂଘୀୟ ସଂରଚନା ପ୍ରତି ଏକ ଶୁଭ ସଂକେତ। ରାଜନୀତିକ ଦୃଷ୍ଟିକୋଣରୁ ଦେଖିଲେ ସର୍ବୋଚ୍ଚ ଅଦାଲତଙ୍କର ଏହି ରାୟ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଏବଂ ଦ୍ରାବିଡ଼ ମୁନେତ୍ର କାଝାଗାମ୍ (ଡିଏମ୍‌କେ) ଦଳ ନିମନ୍ତେ ଏକ ସ୍ପଷ୍ଟ ବିଜୟ କହିଲେ ଅତ୍ୟୁକ୍ତି ହେବନାହିଁ । ସୂଚନାଯୋଗ୍ୟ ଯେ ତାମିଲନାଡୁ ବିଧାନସଭା ନିର୍ବାଚନକୁ ଆଉ ମାତ୍ର ବର୍ଷକରୁ କମ୍ ସମୟ ବାକି ଅଛି । ପୁନଶ୍ଚ, ଏକଥା ମଧ ସୂଚାଇ ଦିଆଯାଇପରେ କି, କିଛି ସମୟ ପୂର୍ବେ ପ୍ରଶାସନିକ ସେବା ଆଶାୟୀମାନଙ୍କର ଏକ ଦଳଙ୍କୁ ତାମିଲନାଡୁ ରାଜ୍ୟପାଳ ଆରଏନ୍ ରବି ରାଜ୍ୟ ବିଧାନସଭା ଦ୍ୱାରା ପାରିତ ଏକ ବିଲ୍‌ରେ ରାଜ୍ୟପାଳଙ୍କ ମଞ୍ଜୁରୀ ପ୍ରଦାନର ପସନ୍ଦ ପ୍ରସଙ୍ଗରେ କହିଥିଲେ ଯେ 'ତମେ ଯେତେବେଳେ 'ରୋକିବା' ପାଇଁ କୁହ, ସେତେବେଳେ ବିଲ୍‌ଟି ମୃତ୍ୟୁଲାଭ କରିଥାଏ ।' ସୁପ୍ରିମ୍‌କୋର୍ଟ ବର୍ତ୍ତମାନ ସ୍ଥିର କରିଛନ୍ତି ଯେ ଯେତେବେଳେ ଜଣେ ରାଜ୍ୟପାଳ ସ୍ୱାକ୍ଷର କରିବା ପାଇଁ ତାଙ୍କ ପସନ୍ଦର ସମୟ ପର୍ଯ୍ୟନ୍ତ ବିଲ୍‌ଗୁଡ଼ିକୁ ଅଟକାଇ ରଖନ୍ତି, ସେତେବେଳେ ବିଲଗୁଡ଼ିକ ମୃତ ନୁହନ୍ତି । ତାଙ୍କର ସେଭଳି କ୍ଷମତା ନାହିଁ ଏବଂ ଯେଉଁ କାଗଜଗୁଡ଼ିକରେ ବିଲଗୁଡ଼ିକ ଛପା ଯାଇଥାଏ, ସେଥିରେ ଥିବା ବିନ୍ଦୁଗୁଡ଼ିକ ଉପରେ ତାଙ୍କର ସ୍ୱାକ୍ଷର କରିବା ଆଶା କରାଯାଇଥାଏ, ବିଶେଷକରି ସେଗୁଡ଼ିକ ଯଦି ତାଙ୍କର ପ୍ରଥମ ଥର ବ୍ୟବସ୍ଥାପିକର ବିଚାର ନିମନ୍ତେ ଫେରାଇ ଦିଆଯାଇଥିବା ପରେ ପୁନର୍ବାର ଉପସ୍ଥାପିତ କରାଯାଇଥାଏ। କୋର୍ଟ କହିଛନ୍ତି ଯେ ନିର୍ବାଚିତ ବ୍ୟବସ୍ଥାପିକା ଗୁଡ଼ିକର ନିଷ୍ପତ୍ତିଗୁଡ଼ିକରେ ପ୍ରତିଫଳିତ ହୋଇଥିବା ପ୍ରସଙ୍ଗଗୁଡ଼ିକ, ଯେଉଁଗୁଡ଼ିକ ସାଧାରଣତଃ ଲୋକମାନଙ୍କର ଇଚ୍ଛା ହୋଇଥାଏ, ତା' ସହିତ ଖେଳ ଖେଳିବା ଆଇନତଃ ଭୁଲ୍ ଏବଂ ସେସବୁର ଗଣତନ୍ତ୍ରରେ ସ୍ଥାନ ନଥାଏ। ରାଜ୍ୟପାଳମାନଙ୍କ କାର୍ଯ୍ୟରେ ସୀମା ଧାର୍ଯ୍ୟ କରିବା ବେଳେ କୋର୍ଟ ନ୍ୟାୟିକ ଚକ୍ରର ପୁନଃଉଦ୍ଭାବନ କରି ନଥିଲେ। ଏହା କେବଳ ସମ୍ବିଧାନର ସମ୍ପୃକ୍ତ ଧାରରେ ଉଲ୍ଲେଖ କରାଯାଇଥିବା ବାକ୍ୟଗୁଡ଼ିକୁ ଦୋହରାଇଥିଲେ ଏବଂ ନିଜ ଶବ୍ଦରେ ପ୍ରକାଶ କରିଥିଲେ: ବିଲ୍‌ରେ ସ୍ୱାକ୍ଷର କର, ସ୍ୱାକ୍ଷର କରିବାକୁ ଅଟକାଅ ଏବଂ ବିଲ୍‌ଟିକୁ ପୁଣିଥରେ ବ୍ୟବସ୍ଥାପିକା ନିକଟକୁ ପଠାଇ ଦିଅ ନଚେତ୍ ଯଦି ଏକ ଦିଲ୍ କୌଣସି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବିଫଳ ହୋଇଥିବା ମନେହୁଏ, ତା'ହେଲେ ଏହାକୁ ରାଷ୍ଟ୍ରପତିଙ୍କ ନିକଟକୁ ବିଚାର ନିମନ୍ତେ ପ୍ରେରଣ କର । କୋର୍ଟ ବର୍ତ୍ତମାନ କହିଛନ୍ତି ଯେ ରାଜ୍ୟପାଳ ଯଦି ଦ୍ୱିତୀୟ ବା ତୃତୀୟ ପସନ୍ଦକୁ କାର୍ଯ୍ୟରେ ଲଗାଇବେ, ତା'ହେଲେ ସେ ତାହା ମନ୍ତ୍ରୀ ପରିଷଦଙ୍କ ପରାମର୍ଶ ଅନୁସାରେ କରିବା ଉଚିତ ଏବଂ ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ସମୟର ସୀମା ଧାର୍ଯ୍ୟ କରିଛନ୍ତି । ରାଜଭବନଗୁଡ଼ିକ ସେମାନଙ୍କର ସାମ୍ବିଧାନିକ ସୀମାଗୁଡ଼ିକୁ ଅତିକ୍ରମ କରିବା ରୂପକ ସମସ୍ୟାର ଇତିହାସ ସ୍ୱାଧୀନତା ଲାଭ ପରର ପ୍ରାରମ୍ଭିକ କାଳ ପର୍ଯ୍ୟନ୍ତ ବିସ୍ତୃତ - ବିଧାନସଭାରେ ସଂଖ୍ୟା ଗରିଷ୍ଠତା ଥିବା ସତ୍ତ୍ୱେ ୧୯୫୯ରେ ଜବାହାରଲାଲ ନେହରୁଙ୍କ କ୍ୟାବିନେଟ୍ କେରଳ ସରକାରଙ୍କୁ ବରଖାସ୍ତ କରିବା ନିମନ୍ତେ ସୁପାରିସ କରିବାଠାରୁ ଆରମ୍ଭ କରି ଇନ୍ଦିରା ଗାନ୍ଧୀଙ୍କ ସରକାର ପର୍ଯ୍ୟନ୍ତ, ଯିଏକି ରାଜ୍ୟପାଳଙ୍କ କାର୍ଯ୍ୟାଳୟର ଉପଯୋଗ କରି ଅନେକ ସଂଖ୍ୟକ ରାଜ୍ୟ ସରକାରଙ୍କୁ ବରଖାସ୍ତ କରିଥିଲେ। ୨୦୧୪ ପରଠାରୁ ସମଗ୍ର ଦେଶରେ ଅନେକ ସଂଖ୍ୟକ ରାଜଭବନ, ବିଶେଷକରି ଅଣ-ବିଜେପି ସରକାରମାନେ ଶାସନ କରୁଥିବା ରାଜ୍ୟମାନଙ୍କରେ ସମାନ୍ତରାଳ କ୍ଷମତା କେନ୍ଦ୍ରମାନ ଭାବରେ ଉଭା ହେବାର ଉଦ୍ୟମ କରି ଆସୁଛନ୍ତି । ଫଳରେ ସର୍ବସାଧାରଣରେ ଏହା ଏକ ଧାରଣାକୁ ଦୃଢ଼ୀଭୂତ କରିଛି ଯେ କେତେକ ସାମ୍ବିଧାନିକ ପଦ ପଦବୀରେ ଅଧିଷ୍ଠିତ ବ୍ୟକ୍ତିବିଶେଷ ରାଜ୍ୟ ସରକାରଙ୍କ ପରିସର ଭିତରେ ଧସେଇ ପଶୁଛନ୍ତି ଏବଂ ଶାସନ କ୍ଷେତ୍ରରେ ସହଯୋଗ କରିବା ପରିବର୍ତ୍ତେ ସେମାନଙ୍କର କାର୍ଯ୍ୟସୂଚୀକୁ ଆଗେଇ ନେବାରେ ଅଧିକ ଆଗ୍ରହ ପ୍ରକାଶ କରି ନିର୍ବାଚିତ ସରକାରଙ୍କ ସହିତ ମୁହାଁମୁହିଁ ହେବାର ପରିସ୍ଥିତି ସୃଷ୍ଟି କରୁଛନ୍ତି। ଗଣତାନ୍ତ୍ରିକ ଶସନ ହେଉଛି ସାମଗ୍ରିକ ଭାବରେ ସ୍ଥିତିର ପରଖି କରିବା ତଥା ସନ୍ତୁଳନ ରକ୍ଷା କରିବା। ଭୁଲ୍ କରିବା ଏବଂ ତା'ର ସଂଶୋଧନ କରିବା ମଧ ଗଣତାନ୍ତ୍ରିକ ପକ୍ରିୟାର ଅଂଶ । ତେଣୁ ଯେଉଁମାନେ ଭାରତୀୟ ସମ୍ବିଧାନ ଅନୁସାରେ ସେମାନଙ୍କର କ୍ଷମତାକୁ ଉପଯୋଗ କରୁଛନ୍ତି, ସେମାନେ କୋର୍ଟଙ୍କର ଉପରୋକ୍ତ ଆଦେଶ ପରେ ନିଜ ନିଜକୁ ଏଥି ସହିତ ଖାପ ଖୁଆଇ ଚଳାଇବା ଉଚିତ ।

# ହୋମିଓପ୍ୟାଥିର ଜନ୍ମଦାତା : ଡ଼ା. ହନିମ୍ୟାନ୍



## ଡାକ୍ତର ସଙ୍ଗୀତା ନାୟକ

ଆଜିର ଚିକିତ୍ସା ବ୍ୟବସ୍ଥାକୁ ଦେଖିଲେ ଅଧିକାଂଶ ଲୋକଙ୍କର ଏଯାତ ଦୃଢ଼ ବିଶ୍ୱାସ, ଆଶା ଓ ଭରଷା ରହିଛି ଅନ୍ୟତମ ସର୍ବପ୍ରାଚୀନ ଚିକିତ୍ସା ବ୍ୟବସ୍ଥା ହୋମିଓପ୍ୟାଥି ଉପରେ। ବର୍ତ୍ତମାନର ତଥାକଥିତ ଏଲୋପାଥିକ ଯେଉଁ ସମୟରେ ଯୁଗାନ୍ତକାରୀ ଓ ସମସ୍ତଙ୍କ ପାଇଁ ସୁଲଭ ଓ ନିର୍ଭରଯୋଗ୍ୟ ହୋଇପାରି ନଥିଲା ସେହି ସମୟରେ ହୋମିଓପ୍ୟାଥିର ଚାହିଦା ଓ ଭରଷା ଅତୁଟ ଥିଲା। ହୋମିଓପ୍ୟାଥିର ସ୍ୱତନ୍ତତା ହେଉଛି ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନଥାଏ ଏବଂ ଏହାର ବ୍ୟବହାରତା ଉପରେ ସେପରି କଟକଣା ନଥାଏ, ସର୍ବୋପରି ଏହା ସମସ୍ତଙ୍କ ପାଇଁ ସୁଲଭ ଓ ସବୁଠାରେ ଏହା ଉପଲବ୍ଧ। ଆଜି ହେଉଛି ଏହି ମହାନ ଚିକିତ୍ସା ବ୍ୟବସ୍ଥାର ଜନ୍ମଦାତା ଡା.କ୍ରିଷ୍ଟେନ୍ ଫ୍ରେଡ଼ରିକ୍ ହ୍ୟାନିମ୍ୟାନ୍‌ଙ୍କ ଜନ୍ମ ଦିନ। ତାଙ୍କୁ ହୋମିଓପ୍ୟାଥି ଚିକିତ୍ସା ପଦ୍ଧତିର ସ୍ରଷ୍ଟା ବୋଲି କୁହାଯାଏ। ହ୍ୟାନିମ୍ୟାନ୍‌ଙ୍କ ପିଲାଦିନ ଦାରିଦ୍ର୍ୟ ମଧରେ କଟିଥିଲା । ସେ ଜଣେ ପ୍ରଚଣ୍ଡ ମେଧାବୀ ଥିଲେ ଏବଂ ତୁଳସୀ ଦୁଇ ପତ୍ରରୁ ବାସିଲା ପରି ବାଲ୍ୟକାଳରୁ ତାଙ୍କ ମେଧା, ପାଠପ୍ରତି ଅହେତୁକ ଶ୍ରଦ୍ଧା, ବିଶେଷକରି ଅସହାୟ ମାନଙ୍କ ପ୍ରତି ସେ ଅତ୍ୟନ୍ତ ଉଦାର ଓ ସ୍ନେହଶୀଳ ଥିଲେ।

ଜୀବନରେ ଅନେକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ ଏଲୋପ୍ୟାଥିରେ ଡିଗ୍ରୀ ହାସଲ କରିଥିଲେ । ଏହାପରେ ସେ ଜଣେ ଡାକ୍ତର ଭାବେ ରୋଗୀ ସେବା ଆରମ୍ଭ କରିଥିଲେ । ମାତ୍ର ଏଲୋପ୍ୟାଥି ଚିକିତ୍ସା ପଦ୍ଧତିରେ ସେ ସନ୍ତୁଷ୍ଟ ନଥିଲେ । ତାଙ୍କର ବିଶ୍ୱାସ ଥିଲା ଯେ ସେ ଯେଉଁ ପଦ୍ଧତିରେ ରୋଗୀ ଚିକିତ୍ସା କରୁଛନ୍ତି, ତାହା ରୋଗୀଙ୍କ ଉପକାର ଅପେକ୍ଷା ଅପକାର ଅଧିକ କରୁଛି । ସେଥିପାଇଁ ହ୍ୟାନିମ୍ୟାନ୍ ରୋଗୀ ସେବା ଛାଡ଼ି ଦେଇଥିଲେ । କିନ୍ତୁ ଚିକିତ୍ସା ଶାସ୍ତ୍ର ଓ ରୋଗୀ ସେବା ଏହି ଦୁଇଟିକୁ ନିଜ ଜୀବନର ଦୁଇଟି ରାସ୍ତା ଭାବେ ସେ ଗ୍ରହଣ କରିଥିଲେ। ଏହାପରେ ସେ ଲେଖାଲେଖି ଆରମ୍ଭ କଲେ । ସେ ସମୟରେ ତାଙ୍କର କିଛି ସଚେତନଧର୍ମୀ ଲେଖା ପ୍ରମୁଖ ଗଣମାଧ୍ୟମରେ ନିୟମିତ ସ୍ତମ୍ଭ ଭାବରେ ପ୍ରକାଶିତ ହୋଇ ପାଠକୀୟ ଆଦୃତ୍ତି ହାସଲ କରିଥିଲା ଯାହାକି ପରବର୍ତ୍ତୀ ସମୟରେ ପୁସ୍ତକର ସ୍ଥାନ ନେଇଥିଲା। ହ୍ୟାନିମ୍ୟାନ୍ ଜଣେ ଚମତ୍କାର ଅନୁବାଦକ ଥିଲେ । ସେ ବିଭିନ୍ନ ଭାଷାର ଗ୍ରନ୍ଥ ସବୁ ଅନୁବାଦ କରୁଥିଲେ । ତାଙ୍କୁ ଇଂରାଜୀ, ଫରାସୀ, ଗ୍ରୀକ୍, ହିବ୍ରୁ୍ୟ, ଆରବିକ୍, ଇଟାଲୀୟ ଭାଷା ଜଣାଥିଲା । ଏହା ବ୍ୟତୀତ କିଛି ଆଫ୍ରିକୀୟ ଭାଷା ଉପରେ ତାଙ୍କର ମଧ ଅସାଧାରଣ ଦକ୍ଷତା ଥିଲା। ଦିନେ ୱିଲିୟମ୍ କୁଲେନ୍‌ଙ୍କ ଏକ ଗ୍ରନ୍ଥ ଅନୁବାଦ କରିବା ସମୟରେ ଏକ ଗଛ ଛାଲିରୁ ମ୍ୟାଲେରିଆର ଚିକିତ୍ସା ପଦ୍ଧତି ସମ୍ପର୍କରେ ଜାଣିବାକୁ ପାଇଥିଲେ। ପରେ ଅଧିକ ଗବେଷଣା ଜାରି ରଖି ସେ ହୋମିଓପ୍ୟାଥି ଚିକିତ୍ସା ପଦ୍ଧତିର ଉଦ୍ଭାବନ କରିଥିଲେ । ତଥାକଥିତ ଉଚ୍ଚମୂଲ୍ୟର ଏଲୋପାଥିକ ଔଷଧ ତୁଳନାରେ ହୋମିଓପ୍ୟାଥିକ ଔଷଧର ମୂଲ୍ୟ କିପରି କମ୍ ରହିବ ଏ ନେଇ ହନିମ୍ୟାନ ତାଙ୍କ ଗବେଷଣ ସମୟରେ ଏ ଦିଗଟି ପ୍ରତି ଲକ୍ଷ୍ୟ ରଖିଥିଲେ। ଯଦିଓ ବର୍ତ୍ତମାନ କିଛି ହୋମିଓ ଔଷଧର ମୂଲ୍ୟ ଏଲୋପାଥିକ ଠାରୁ ମଧ ଅଧିକ। ଡା. ହନିମ୍ୟାନ୍ ୧୭୫୫ ମସିହା ଏପ୍ରିଲ ୧୦ ତାରିଖରେ ସାକ୍ସୋନୀର ମିସେନ୍ ଠାରେ ଜନ୍ମ ଗ୍ରହଣ କରିଥିଲେ।




ଏସବି ହୋମିଓ, ସେକ୍ଟର-୯,
ସିଡିଏ, କଟକ,
ମୋ: ୯୮୬୧୫୬୭୫୨୩୭


# ଛେନାପୋଡ଼ ଦିବସ



## ରବିନାରାୟଣ ପଟ୍ଟନାୟକ

ପ୍ରତି ଓଡ଼ିଆଙ୍କ ପ୍ରିୟ ଛେନାପୋଡ଼ । ପିଲାଠୁ ବୁଢ଼ା ସଭିଁଏ ଛେନାପୋଡ଼ ଖାଇବାକୁ ଭାରି ପସନ୍ଦ କରିଥାଆନ୍ତି । ଆଉ ଆଜି ହେଉଛି 'ଛେନାପୋଡ଼ ଦିବସ' ।ମିଠା, ନାଁ ଶୁଣୁ ଶୁଣୁ ନା ନା ପ୍ରକାରର ସ୍ୱାଦିଷ୍ଟ ମିଠା ମନକୁ ଆସିଯାଏ । ଓଡିଆଙ୍କ ପରମ୍ପରା ତ ପିଠା ଆଉ ମିଠାରୁ ଜଣା ପଡିଯାଏ । ପଖାଳ ଦିବସ, ରସୋଗଲା ଦିବସ ଭଳି ଆଜି ହେଉଛି ଛେନା ପୋଡ ଦିବସ । ଛେନାପୋଡ ନାଁ ଶୁଣିଲେ ପାଟିରେ ପାଣି ଆସିଯାଏ । ଥରେ ଯିଏ ଏହାର ସ୍ୱାଦ ପାଇଛି ଆଉ ଥରେ ଖାଇବାକୁ ମନ ବଳାଇଛି ନିଶ୍ଚୟ । ପିଲାଠୁ ବୁଢ଼ା ସମସ୍ତଙ୍କ ପସନ୍ଦ ଛେନାପୋଡ । ଛେନାପୋଡ଼ର ଆକ୍ଷରିକ ଅର୍ଥ ହେଉଛି ପୋଡ଼ା ଯାଇଥିବା ଛେନା ବା ପୋଡ଼ି କରି ତିଆରି କରାଯାଇଥିବା ଛେନାରେ ପ୍ରସ୍ତୁତ ଏକ ମିଠା ।

ପ୍ରତିବର୍ଷ ଏପ୍ରିଲ ୧୧ ତାରିଖକୁ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଏ ।ଛେନାପୋଡ଼ ହେଉଛି ଗୋଟିଏ ଓଡ଼ିଆ ମିଠା। ଯାହା ଛେନା, ଚିନି, ସୁଜି, କାଜୁ, କିସମିସ ବ୍ୟବହାର କରି ତିଆରି କରାଯାଏ। ଛେନାପୋଡ଼ ଶବ୍ଦର ଆକ୍ଷରିକ ଅର୍ଥ ହେଉଛି ପୋଡ଼ା ଯାଇଥିବା ଛେନା। ଛେନାକୁ ପୋଡ଼ି ତିଆରି କରାଯାଇଥିବା ମିଠା। ଛେନା ବାଦାମୀ ହେବା ପର୍ଯ୍ୟନ୍ତ ଏହାକୁ ପୋଡ଼ାଯାଇଥାଏ ।ଛେନାପୋଡ଼ କଥା ଆସିଲେ ପାଟିରୁ ଲାଳ ଗଡ଼ିଯାଏ । ଦେଖିଲେ ମନ ହୁଏ ଖାଇବା ପାଇଁ । କ୍ଷୀରରୁ ଛେନା ପ୍ରସ୍ତୁତି ପରେ ଏଥିରେ ଅନ୍ୟାନ୍ୟ ଦ୍ରବ୍ୟ ମିଶାଇ ତିଆରି ହୁଏ ସୁଆଦିଆ ଛେନାପୋଡ଼ । ଭାଗମାପରେ ଟିକିଏ ବ୍ୟତିକ୍ରମ ହେଲେ ସବୁ କିଛି ନଷ୍ଟ ହୋଇଯିବାର ଆଶଙ୍କା ମଧ ରହିଛି । ନୟାଗଡ଼ ଜିଲ୍ଲାରୁ ପ୍ରତିଦିନ ଶହଶହ କେଜି ଛେନାପୋଡ଼ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠା ଯାଇଥାଏ । କାରଣ ବେଶ୍ ନାଁ ରହିଛି ନୟାଗଡ଼ ଛେନାପୋଡ଼ର । ଓଡ଼ିଶା ସମେତ ବାହାର ରାଜ୍ୟରେ ମଧ ଏବେ ଛେନାପୋଡ଼ର ଚାହିଦା ଖୁବ୍ ରହିଛି ।

ଛେନାପୋଡ କଥା ଆସିଲେ ସମସ୍ତେ ପ୍ରାୟ ନୟାଗଡ କଥା ଭାବନ୍ତି ମାତ୍ର ଏବେ ଛେନାପୋଡ ଖାଲି ନୟାଗଡର ନୁହେଁ ସମଗ୍ର ଓଡିଶାର ପରିଚୟ ହୋଇଛି। ନୟାଗଡ଼ରୁ ସୃଷ୍ଟି ଏହି ଛେନାପୋଡ଼କୁ ଏବେ ବିଶ୍ୱସ୍ତରୀୟ କରିବାକୁ ଅଣ୍ଟା ଭିଡିଛନ୍ତି ସମସ୍ତେ। ନୟାଗଡ଼ ଛେନାପୋଡ଼ର ସ୍ରଷ୍ଟା କୁହାଯାଉଥିବା ସୁଦର୍ଶନ ସାହୁଙ୍କ ଜନ୍ମଦିନ ଏପ୍ରିଲ ୧୧କୁ ବିଶ୍ୱ ଛେନାପୋଡ଼ ଦିବସ ରୂପେ ପାଳନ କରୁଛନ୍ତି ସମସ୍ତେ।। ସୁଦର୍ଶନ ଏକ ଜଳଖିଆ ଦୋକାନ କରି ପରିବାର ପୋଷୁଥିଲେ। ଏକଦା ତାଙ୍କ ଦୋକାନରେ କିଛି ଛେନା ବଳକା ରହିଯାଇଥିଲା । ତାହା ସକାଳକୁ ଖରାପ ହୋଇଯିବ ଭାବି ସେଥିରେ କିଛି ଚିନି ଓ କିଛି ଚାଉଳ ଚୁନା ମିଶାଇ ରଡ଼ ନିଆଁରେ ଛେନାକୁ ପୋଡ଼ିଦେଇଥିଲେ। ଏହାପରେ ତାହା ଏକ ପିଠା ଆକାରର ହୋଇଥିଲା। ପ୍ରଥମେ ତାହା ଛେନାପୋଡ଼ ପିଠା ହୋଇଥିଲା। ପରେ ଏହା ପିଠାରୁ ମିଠା ପାଲଟିଥିଲା। ଖୁବ୍? କମ୍ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ମିଠା ବେଶ ନାଁ କରିଥିଲା ।ବର୍ତ୍ତମାନ ଯଦିଓ ରାଜ୍ୟ ତଥା ରାଜ୍ୟ ବାହାରେ ଛେନାପୋଡ଼ ମିଳୁଛି ତେବେ ନୟାଗଡ଼ ଛେନାପୋଡ଼ର ଆଦର କମିନାହିଁ।





ପଟିଆ, ଭୁବନେଶ୍ୱର
ମୋ: ୯୯୩୭୭୭୩୭୭୭


# ଆପଣ ବି ଦେଇପାରିବେ ଅମୂଲ୍ୟ ଜୀବନ



## ଅଶ୍ୱିନୀ କୁମାର ବାରିକ

ଅନ୍ୟର ଜୀବନ ବଞ୍ଚାଇବା ଠାରୁ ବଡ଼ ପୁଣ୍ୟ କ'ଣ ହୋଇପାରେ ? ବୋଧହୁଏ ଏଥିପାଇଁ ଲୋକମାନେ ରକ୍ତଦାନ କରିବାରେ ସନ୍ତୋଷ ପାଆନ୍ତି। ଯେ କୌଣସି ସ୍ୱାସ୍ଥ୍ୟବାନ ବ୍ୟକ୍ତି ରକ୍ତଦାନ କରିପାରନ୍ତି, କାରଣ ଏଥିରେ କୌଣସି କ୍ଷତି ନଥାଏ। ଆମ ଦେଶରେ ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ, ଶହୀଦ ଦିବସ ଆଦି ଅବସରରେ ଗଣରକ୍ତଦାନ ଶିବିରମାନ ଆୟୋଜିତ ହେଉଥିବାବେଳେ ବର୍ଷର ବିଭିନ୍ନ ଦିବସରେ ରେଡ଼କ୍ରସ, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମାନେ ନିୟମିତ ରକ୍ତଦାନ ଶିବିରର ଆୟୋଜନ କରିଥାନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଅନେକଙ୍କ ମନରେ ରକ୍ତଦାନକୁ ନେଇ ଭୟ ରହିଛି। କିଛି ଲୋକ ଭାବନ୍ତି ରକ୍ତଦେଲେ ଶରୀର ଦୁର୍ବଳ ହୋଇଯାଇପାରେ । ତା'ହେଲେ ଆସନ୍ତୁ ଜାଣିବା ରକ୍ତଦାନ ସମ୍ପର୍କରେ କିଛି ତଥ୍ୟ।

ରକ୍ତଦାନ ପାଇଁ ଜଣଙ୍କର ଆବଶ୍ୟକୀୟ ଯୋଗ୍ୟତା ହେଉଛି ସେ ୧୮ରୁ ୬୦ ବର୍ଷ ବୟସ ଭିତରେ ହୋଇଥିବେ। ଓଜନ ୪୫ କିଗ୍ରା ବା ତାଠାରୁ ଅଧିକ । ପଲ୍‌ସ ରେଟ୍ (ନାଡ଼ିର ସ୍ପନ୍ଦନ) ଓ ବିପି ଉଭୟ ଠିକ୍ ଥିବ । ହିମୋଗ୍ଲୋବିନ (ଏଚ୍‌ବି) ଅତି କମ୍‌ରେ ୧୨.୫ ଥିବ । ଏହାର ପରବର୍ତ୍ତୀ ରକ୍ତଦାନ ଅତି କମ୍‌ରେ ୩ ମାସ ପୂର୍ବରୁ ହୋଇଥିବ। ଏହିମାନେ ହିଁ ରକ୍ତଦାନ କରିପାରିବେ। ଯଦି କୌଣସି ବ୍ୟକ୍ତି ବିପଜ୍ଜନକ ରୋଗରେ ଆକ୍ରାନ୍ତ ନହୋଇ ଅନ୍ୟ ସାଧାରଣ ରୋଗ ପାଇଁ ଚିକିତ୍ସିତ ହେଉଥିବେ ତେବେ ସେ ରକ୍ତଦାନ କରିପାରନ୍ତି । ରକ୍ତଦାନର ଚବିଶ ଘଣ୍ଟା ପୂର୍ବରୁ ନିଶାଦ୍ରବ୍ୟ ବା ମଦ୍ୟ ପାନ କରିଥିବା ଲୋକଙ୍କ କ୍ଷେତ୍ରରେ ସତର୍କତା ଲୋଡ଼ା ପଡ଼ିଥାଏ । ଏହାର ପ୍ରଭାବ ରକ୍ତ ନେଉଥିବା ବ୍ୟକ୍ତିର ରକ୍ତକୁ ଯାଉନାହିଁ ବରଂ ରକ୍ତଦାନ କରୁଥିବା ବ୍ୟକ୍ତିର ଅଙ୍ଗ ଅସୁସ୍ଥ ହୁଏ । କୌଣସି କାରଣବଶତଃ ଯେଉଁ ବ୍ୟକ୍ତି କ୍ରମାଗତ ଭାବରେ ଅସୁସ୍ଥ। ଗର୍ଭବତୀ ବା ପ୍ରସୂତି ମହିଳା ଏବଂ ଋତୁଚକ୍ର ମଧ୍ୟରେ ମହିଳାମାନେ ରକ୍ତଦାନ କରିପାରିବେ ନାହିଁ । ଯେଉଁମାନଙ୍କର ଭୂତାଣୁ ଜନିତ ସଂକ୍ରମଣ ଅଛି, ରକ୍ତଦ୍ୱାରା ଏହି ସଂକ୍ରମଣ ବ୍ୟାପିବାର ଆଶଙ୍କା ଥାଏ । ଲିଭର, ହୃତ୍‌ପିଣ୍ଡ, କିଡ଼ନୀ, ମସ୍ତିଷ୍କ ବା ଫୁସ୍‌ଫୁସ୍ ସମସ୍ୟା ଥିଲେ । ଶ୍ୱାସରୋଗ, କ୍ୟାନସର କିମ୍ବା ହେପାଟାଇଟିସ୍ ଥିଲେ । ଯେଉଁମାନେ ରକ୍ତଚାପ ଔଷଧ ଖାଉଛନ୍ତି ସେମାନେ ରକ୍ତଚାପ ନିୟନ୍ତ୍ରିତ ହେବା ପରେ ରକ୍ତ ଦେଇପାରନ୍ତି । ଥାୟରଏଡ୍ କିମ୍ବା ହରମୋନ ଅସନ୍ତୁଳନ ରୋଗ ଥିଲେ । ଯେଉଁ ବ୍ୟକ୍ତି ନିଜେ ରକ୍ତ ନେଇଥିବେ ବର୍ଷେ ପୂର୍ବରୁ ସେ ରକ୍ତଦାନ କରିପାରିବେ ନାହିଁ । ଜେନେଟିକ୍ ଡିଜଅର୍ଡ଼ର ବା ମାନସିକ ରୋଗ ଥିବା ବ୍ୟକ୍ତିମାନେ । ଡିପ୍ରେସନ ଔଷଧ ଖାଉଥିବା ଲୋକମାନେ ମଧ ରକ୍ତ ଦେଇପାରିବେ ନାହିଁ । ଯେଉଁ ମହିଳାମାନଙ୍କର ୬ମାସ ମଧ୍ୟରେ ଗର୍ଭପାତ ହୋଇଛି କିମ୍ବା ୧ବର୍ଷ ମଧ୍ୟରେ ଅସ୍ତ୍ରୋପଚାର ହୋଇଛି । କୁକୁର କାମୁଡ଼ା ଇଞ୍ଜେକ୍ସନ ନେଇଥିବା ଲୋକମାନେ ୧ବର୍ଷ ମଧ୍ୟରେ ରକ୍ତ ଦେଇପାରିବେ ନାହିଁ । କୁକୁର କାମୁଡ଼ିବା ପରେ ଇଞ୍ଜେକ୍ସନ ନେଇନଥିବା ବ୍ୟକ୍ତିମାନେ ସାରା ଜୀବନ ରକ୍ତ ଦେବେ ନାହିଁ । ହାଡ଼ ଭାଙ୍ଗିଥିଲେ, ଅସ୍ତ୍ରୋପଚାର ଏବଂ ଗଲ୍ ବ୍ଲାଡ଼ର ରିମୁଭ ହୋଇଥିବା ବ୍ୟକ୍ତିମାନେ ୬ ମାସ ମଧ୍ୟରେ ଦେଇପାରିବେ ନାହିଁ । ଅପସ୍ମାର କିମ୍ବା କୁଷ୍ଠରୋଗୀମାନେ ରକ୍ତଦାନ କରିପାରିବେ ନାହିଁ । ଏକାଧିକ ଯୌନ ସାଥୀ ଥିବା ବ୍ୟକ୍ତିମାନେ । ଟାଟୁ କରିଥିଲେ ୬ ମାସ ମଧ୍ୟରେ । ଦାନ୍ତ ଫିଲିଂ କରିଥିଲେ କିମ୍ବା ଚିକିତ୍ସା କରିଥିଲେ ୩ ମାସ ପର୍ଯ୍ୟନ୍ତ । ମ୍ୟାଲେରିଆ ହୋଇଥିଲେ ୩ମାସ ପର୍ଯ୍ୟନ୍ତ ଏବଂ ଟାଇଫଏଡ଼ ହୋଇଥିଲେ ୧ ବର୍ଷ ପର୍ଯ୍ୟନ୍ତ । ଯେଉଁ ବ୍ୟକ୍ତିଙ୍କ ଓଜନ ହଠାତ୍ ୫ / ୧୦ କେଜି କମ୍ ହୋଇଯାଏ ସେମାନେ ଯାଞ୍ଚ ପରେ ରକ୍ତ ଦେଇପାରନ୍ତି । ଯେଉଁମାନଙ୍କ ଠାରେ ଏଡ୍‌ସର କୌଣସି ଲକ୍ଷଣ ଅଛି । ଯେଉଁମାନଙ୍କର ହିମୋଗ୍ଲୋବିନ୍ ୧୮ ବା ୧୯ ଉପରକୁ ଚାଲିଯାଇଥିବ । ଯେଉଁମାନେ ଇନ୍‌ସୁଲିନ୍ ନେଉଛନ୍ତି । ଯଦି ରକ୍ତ ଶର୍କରା ଔଷଧ ଦ୍ୱାରା ନିୟନ୍ତ୍ରଣରେ ଅଛି ତା'ହେଲେ ରକ୍ତଦାନ କରିପାରିବେ। ଯେଉଁମାନଙ୍କର ମୁଣ୍ଡ ବ୍ୟଥା ବା ପେଟରୋଗ ଅଛି ।

ସଂପ୍ରତି ପ୍ରଚଣ୍ଡ ଗ୍ରୀଷ୍ମତାପ ଦେଖା ଦେଇଥିବାବେଳେ ପ୍ରାୟତଃ ଖରାଦିନେ ବିଭିନ୍ନ ରକ୍ତଭଣ୍ଡାରେ ରକ୍ତ କମିଯାଏ। ଯାହାଫଳରେ ଗୁରୁତର, ମୁର୍ମୁଷୁ, ନିୟମିତ ରକ୍ତ ନେଉଥିବା ସିକିଲସେଲ ରୋଗୀମାନେ ଅନେକ ଅସୁବିଧାର ସମ୍ମୁଖୀ ହୋଇଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ଭାଇଚାରାର ସହର କଟକରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଅନ୍ୟତମ ସମ୍ଭ୍ରାନ୍ତ କ୍ଲବ କଟକ କ୍ଲବରେ ରାଜ୍ୟର ଅଗ୍ରଣୀ ସମାଜ ସେବୀ ସଂଗଠନ ନାରାୟଣ ଚାରିଟେବଲ ଟ୍ରଷ୍ଟ ଓ କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତର ନିର୍ଭରଯୋଗ୍ୟ ଓ ପ୍ରଖ୍ୟାତ ଶାନ୍ତି ହସ୍ପିଟାଲର ମିଳିତ ସହଯୋଗରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ମୋଟ ୨୬୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କଟକ କ୍ଲବର ସଭାପତି ତଥା ବିଶିଷ୍ଟ ସମାଜ ସେବୀ ସୁନାମଧନ୍ୟ ଡାକ୍ତର ଶ୍ରୀଜୟ ପଟ୍ଟନାୟକ, ସମ୍ପାଦକ ଶୁଭେନ୍ଦୁ ମୋହନ ପଟ୍ଟନାୟକ, ଉପସଭାପତି ଦେବେଶ ଦାସ, କୋଷାଧ୍ୟକ୍ଷ ସୁଦୀପ୍ତ ପୋଦାର ଓ ନାରାୟଣ ଚାରିଟେବଲ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସଦାଶିବ ପରିଡ଼ା, ଚନ୍ଦ୍ରଜିତ ମହାନ୍ତି ଶିବିରକୁ ଉଦଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅତିଥି ଭାବରେ କ୍ଲବର ପୂର୍ବତନ ସଭାପତି ଡାକ୍ତର ଜୟନ୍ତ ପଣ୍ଡା ଯୋଗଦାନ କରି ରକ୍ତଦାତାଙ୍କୁ ପ୍ରେରଣା ଦେଇଥିଲେ। ବାସ୍ତବରେ ହଜାର ବର୍ଷର ସହର କଟକରେ ଏପରି ରକ୍ତଦାନ ପାଇଁ ଯୁବ ବର୍ଗଙ୍କ ଭିତରେ ଆଗ୍ରହ ନିଶ୍ଚିନ୍ତ ଭାବେ ରକ୍ତଦାତାଙ୍କୁ ପ୍ରେରଣା ଯୋଗାଇବ।

ଅନେକ ହୁଏତ ଜାଣି ନଥିବେ ଦୁର୍ଘଟଣାର ଆହତ ବ୍ୟକ୍ତଟି ହୁଅନ୍ତୁ ବା ବଡ଼ ଅସ୍ତ୍ରୋପଚାର, ଅର୍ଗାନ୍ ଟ୍ରାନ୍ସପ୍ଲାଣ୍ଟ ହେଉ ବା ଥାଲାସେମିଆ, ଏନିମିଆ, କ୍ୟାନସର, କେମୋ ଥେରାପି, ଡାୟାଲିସିସ୍, ହେମୋଫିଲିଆ ବା ରକ୍ତ ସମ୍ବନ୍ଧିତ ଅନ୍ୟ ରୋଗ ମାନଙ୍କୁ ରକ୍ତ ଦରକାର ପଡ଼ିଥାଏ। ବାସ୍ତବରେ ରକ୍ତଦାନକୁ ନେଇ ଅନେକଙ୍କ ଭିତରେ ଅନେକ ଭ୍ରାନ୍ତି ଓ ଭୁଲ ବୁଝାମଣା ଥାଏ। ରକ୍ତଦାନ ଏକ ଶ୍ରେଷ୍ଠ ସେବା ଏବଂ ଯେଉଁମାନଙ୍କ ରକ୍ତରୁ ପ୍ଲାଜମା ବା ପ୍ଲାଟଲେକ୍ସ ନିଆଯାଇଛି ଯାଞ୍ଚ ପରେ ସବୁକିଛି ସାଧାରଣ ଥିଲେ ସେ ୭/୧୦ ଦିନ ପରେ ପୁଣି ରକ୍ତ ଦେଇପାରିବେ । ଯେଉଁମାନଙ୍କର ଓଜନ ୬୦ କେଜିରୁ କମ୍ ସେମାନେ ଥରକେ ସାଢ଼େ ୩୦୦ ମିଲିଲିଟର ରକ୍ତ ଦେଇପାରିବେ । ଓଜନ ୬୦ କେଜିରୁ ଅଧିକ ହେଲେ ସାଢ଼େ ୪୦୦ ମିଲିଲିଟର ରକ୍ତ ଦେଇପାରିବେ। ଆପଣ ଯେଉଁ ରକ୍ତଦାନ କରୁଛନ୍ତି ତାହାକୁ ଶରୀର ୨୧ ଦିନ ଭିତରେ ପୁନର୍ବାର ପ୍ରସ୍ତୁତ କରିପାରିବ । ପଇସା ବଦଳରେ ରକ୍ତ ମିଳେ ନାହିଁ, ରକ୍ତ ବଦଳରେ ରକ୍ତ ମିଳେ ବ୍ଲଡ଼ ବ୍ୟାଙ୍କରୁ । ଯଥାର୍ଥରେ କୁହାଯାଏ ରକ୍ତ ଦାନ ହେଉଛି ଜୀବନର ଶ୍ରେଷ୍ଠ ଦାନ । ରକ୍ତଦାନ ଜୀବନ ଦାନ ଏହି ମହାମନ୍ତ୍ରକୁ ଆପଣାଇ ଜୀବନରେ ରକ୍ତଦାନ ପରି ସେବା ଧର୍ମରେ ନିୟୋଜିତ ରହିବା ଯଥାର୍ଥରେ ମାନବୀୟମୂଲ୍ୟବୋଧର ପରିପ୍ରକାଶ ହୋଇଥାଏ ।


ବୁଦ୍ଧିସାହୁ, କୁନ୍ଦେଶ୍ୱର,
ବାଲିକୁଦା, ଜଗତସିଂହପୁର,
ମୋ: ୯୩୩୭୦୫୫୬୨୨





## କବିତା ସ୍ୱପ୍ନ

### ଡାଃ ମନୋରଞ୍ଜନ ଦାଶ



ସ୍ୱପ୍ନ ସବୁ ଲୁହ ହୋଇ ମୋ ଛାତିରେ ପଡୁଚି ।
ଆରପଟେ ସ୍ୱପ୍ନସବୁ ମଉଳି ଯାଉଚି ।
ତଥାପି ମୁଁ ନିର୍ଲଜପଣରେ ଆଉକିଛି ସ୍ୱପ୍ନକୁ
ଜାବୁଡ଼ି ଧରୁଚି ।
ଦୀର୍ଘଶ୍ୱାସର ଶେଯରେ ଥାଇ
ସ୍ୱପ୍ନରେ ବିଭୋର ହେବାର ସୁଖକୁ ଉଣ୍ଡାଳୁଚି ।
ସ୍ୱପ୍ନ ଦେଖିବାକୁ ଭାରି ଭଲ ଲାଗେ ବୋଲି ତ
ତା'ସହ ବନ୍ଧୁତା ଯୋଡିଚି...
ସ୍ୱପ୍ନ ଠୁଁ ଏକାନ୍ତ ଆପଣାର ଏଠି କିଏ?
ସୁଖ ତ ଆସୁଚି ଯାଉଚି ...
ଦୁଃଖ ତ ମନକୁ ଦୋହଲେଇ ଦେଉଚି...
ଆଉ ଏଠି କିଏ ମୋ ଆତ୍ମା ସହ
କଥା ଦିଆନିଆ ହେବ ଯେ !
ଏଠି ଅବିଶ୍ୱାସର ଛକାପଞ୍ଝା ଖେଳରେ
ବିଶ୍ୱାସ ଟିକକ ନୀରିବ୍ର ଯାଉଚି...
ମୁଁ ଅଭିମନ୍ତ୍ରିତ ହେଉଥାଏ, କର୍ମ ଓ ଆତ୍ମିକ ଚେତନାରେ...
ନୀରବରେ ଆକାଶ ସହ କଥା ହୁଏ ମୁଁ....
ତା ତନ୍ମୟତାର ଠାଣିକୁ ଦେଖୁଥାଏ ପୁଣି ଦେଖୁଥାଏ ।


ପ୍ରଭାବତୀ ନିଳୟମ୍ ବେଲତଳ
ପଟ୍ଟାମୁଣ୍ଡାଇ ଜି : କେନ୍ଦ୍ରାପଡ଼ା
ମୋ -୯୪୩୭୩୧୭୭୨୨


## କବିତା ଗୋ ତୁମେ

### ବେଣୁଧର ସୂତାର

କବିତା ଗୋ ତୁମେ କବି ହୃଦୟର
ଚମକ ତୃପ୍ତିର ଭାଷା
ପାଠକ ହୃଦୟ ମଣି ମଞ୍ଜୁଳ
ଉର୍ମିଳ ନୀଳ ଆଶା ।।
ରସିକ ପରାଣ ଚପଳଛନ୍ଦା ଗୋ
ରୂପସୀ ରଜନୀଗନ୍ଧା
ରସ ଛନ୍ଦ ଭରା ରୋମାଞ୍ଚିତ ଧାରା
ଅଳସୀ ଅଳକାନନ୍ଦା ।।
କବିତା କାନନ ମଧୁକ୍ଷରା ତୁମେ
ମୋହିନୀ ଚିତ୍ର ଲେଖା
ତାରକସି ତୁମ ତାରୁଣ୍ୟ ଅଧରେ
ସ୍ମିତ ହାସ୍ୟର ରେଖା ।।
କନକଚଂପାର ନବନୀତ ତନୁ
ଉଲ୍ଲାସରେ ମୋଦ ଭରା
ରସ ଆସ୍ୱାଦନ ପ୍ରଜ୍ଞା ପୀୟୂଷର
ସାରସ୍ୱତ ଫଲ୍ଗୁ ଧାରା ।।
ଅନେକ ଭାବର ଉପଲବ୍ଧି ତୁମେ
ସୌମ୍ୟମୟୀ ଚାରୁ ଶୀଳା
ତୁମେ ସାହିତ୍ୟର ଶାଶ୍ୱତ ଝଙ୍କାର
ପ୍ରଜ୍ଞା ପାରିଜାତ ମାଳା ।।
ଶବ୍ଦ ଅଳଙ୍କାର ବିଭୂଷଣ ସାର
ଚାରୁ ଚନ୍ଦ୍ରମୟ ଜ୍ୟୋତି
ସିଦ୍ଧି ସାଧନାର ତୁମେ ସୂକ୍ଷ୍ମ କଳା
ପ୍ରଜ୍ଞାମୟୀ ଅରୁନ୍ଧତୀ ।।



କବି ଲେଖନୀର ଲଳିତ ଝଙ୍କାର
ଭାସ୍ୱର ଅନୁପମ
ବଳିଷ୍ଠ ମସୀର ଛନ୍ଦ ମାଧୁରୀର
ଶବ୍ଦ ବ୍ରହ୍ମ ସୁଧା ପ୍ରେମ ।।
ସ୍ୱପ୍ନିଳ ମାୟାର ରୂପକଳ୍ପ ତୁମ
ଭାବର ଅମୃତାୟନ
ପରିପୂର୍ଣ୍ଣତାର ବିମୁଗ୍ଧ ସ୍ୱାକ୍ଷର
ଲୁବ୍ଧ ପଣେ ମୁଗ୍ଧ ମନ ।।
ଭାବ ଭୁଗୋଳର ଲହରିତ ମାୟା
ଘନ ଉଆଁସର ଜ୍ୟୋତି
ପ୍ରଜ୍ଞା ଆବେଗରେ ନାଭିଠାରୁ ନଭ
ମଧୁ ଚନ୍ଦ୍ରିକାର ପ୍ରୀତି ।।
କବିତା କାମିନୀ ବିଶ୍ୱ ବିମୋହିନୀ
ସମ୍ମୋହିତ ସୁଧାରସ
ଶବ୍ଦ ମଧୁ ଛନ୍ଦେ ରଚିଲ କବି ହେ
ଦେଇନୂଆ ଜୀବନ୍ୟାସ ।।


କେଶଦୁରାପାଳ କେନ୍ଦୁଝର
ମୋ: ୯୧୭୮୫୬୮୨୪୬



# ପୁଣି ଥରେ ତୁଳସୀ ଭୂମିକାରେ ନଜର ଆସିବେ ସ୍ମୃତି ଇରାନି!

ଏକ୍ତା କପୁରଙ୍କ ଦ୍ୱାରା ନିର୍ମିତ ଲୋକପ୍ରିୟ ଟେଲିଭିଜନ ଧାରାବାହିକ 'କ୍ୟୁଁକି ଶାର ଭି କଭି ବୋହୂ ଥି' ଆଉ ଥରେ ପରଦାରେ ଦେଖିବାକୁ ମିଳିବ ବୋଲି ଗତକିଛି ଦିନ ମଧ୍ୟରେ ଜୋରଦାର ଚର୍ଚ୍ଚା ହେଉଛି। ଏହି ଧାରାବାହିକକୁ ନେଇ ପ୍ରଶଂସକମାନେ ବି ଅଧିକ ଅପଡେଟ୍ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଏହାରି ମଧ୍ୟରେ ଦର୍ଶକଙ୍କ ନିମନ୍ତେ ଆହୁରି ଏକ ଭଲ ଖବର ବି ରହିଛି। ଏକ ସାମ୍ପ୍ରତିକ କାର୍ଯ୍ୟକ୍ରମରେ, ଚଳଚ୍ଚିତ୍ର ନିର୍ମାତା ଏବଂ ନିର୍ମାତା ଏକତା ଆର କପୁର କେବଳ ଧାରାବାହିକଟି ପୁଣିଥରେ ଦେଖିବାକୁ ମିଳିବ ବୋଲି ନିଶ୍ଚିତ କରିନାହାନ୍ତି,ବରଂ ସେଥିରେ ଦର୍ଶକଙ୍କ ପ୍ରିୟ ଅଭିନେତ୍ରୀ ତଥା ରାଜନେତ୍ରୀ ସ୍ମୃତି ଇରାନିଙ୍କୁ ବି ଦେଖିବାକୁ ମିଳିପାରେ ବୋଲି ସଂକେତ ଦେଇଛନ୍ତି। ହିନ୍ଦୁସ୍ତାନ ଟାଇମ୍ସ ଦ୍ୱାରା ରିପୋର୍ଟ କରାଯାଇଥିବା ଅନୁସାରେ, ଏକ ସାମ୍ପ୍ରତିକ କାର୍ଯ୍ୟକ୍ରମରେ, ସୋ'ର ନିର୍ମାତା ଏକତା ଆର କପୁର ପ୍ରକାଶ କରିଛନ୍ତି ଯେ ଆଉ କେବଳ ବାକି ୧୫୦ ଏପିସୋଡ୍ କରାଯିବ। କାରଣ ପୂର୍ବରୁ ଧାରାବାହିକଟି ୧୮୫୦ ଏପିସୋଡ୍‌ରେ ଅଟକିଥିଲା। ସେଥିରେ ତୁଳସୀ ଭୂମିକା ନିଭାଇଥିଲେ ସ୍ମୃତି ଇରାନୀ। ଆଉ ୧୫୦ ଏପିସୋଡ୍ କରି ୨୦୦୦ ଏପିସୋଡ୍ ପୂରା କରିବାକୁ ଚାହାନ୍ତି ନିର୍ମାତା। ତେବେ ଏନେଇ ଏକ ରୋମାଞ୍ଚକର ସୂଚନା ପ୍ରକାଶ କରି ଏକତା ଆହୁରି ମଧ୍ୟ କହିଛନ୍ତି କି 'ଆମେ ମନୋରଞ୍ଜନରେ ରାଜନୀତିକୁ ଆଣୁଛୁ। କିମ୍ବା ଜଣେ ରାଜନେତାଙ୍କୁ ମନୋରଞ୍ଜନରେ ଆଣୁଛୁ''। ଯାହାକି ସ୍ମୃତି ଇରାନିଙ୍କୁ ଇଙ୍ଗିତ କରାଯାଇଛି ବୋଲି ଚର୍ଚ୍ଚା ହେଉଛି।

# 'ଗଦର ୨' ପରେ ବଢିଲା ସନ୍ନି ଦେଓଲ୍‌ଙ୍କ ଚାହିଦା: 'ଜାଟ୍' ପାଇଁ ନେଲେ ମୋଟା ଅଙ୍କ



ସନ୍ନି ଦେଓଲ ମାସ୍ ଏଣ୍ଟରଟେନର୍ ଫିଲ୍ମ 'ଗଦର ୨' ସହିତ ଅନେକ ରେକର୍ଡ ଭାଙ୍ଗିଥିଲେ। ଏବେ, ଅଭିନେତା ଆକ୍ସନ ଡ୍ରାମା 'ଜାଟ୍'ରେ ନଜର ଆସିବେ। ଏହି ଫିଲ୍ମ ୧୦ ଏପ୍ରିଲରେ ସିନେମା ହଲରେ ରିଲିଜ୍ ହେବ। ଗୋପୀଚାନ୍ଦ ମଲିନେନୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ରଣଦୀପ ହୁଡା ଜଣେ ଖଳନାୟକ ଭୂମିକାରେ ଅଭିନୟ କରୁଥିବାର ନଜର ଆସିବେ।

ଏହା ଭିତରେ ସିନେମାର ଆଡଭାନ୍ସ ବୁକିଂ ମଧ୍ୟ ଆରମ୍ଭ ହୋଇଯାଇଛି। ଭଲ ରୋଜଗାର ମଧ୍ୟ କରୁଛି। ଏହାର ଟ୍ରେଲର ଏବଂ ଟିଜର ରିଲିଜ୍ ହୋଇସାରିଛି, ଯାହାକୁ ପ୍ରଶଂସକମାନେ ବହୁତ ପସନ୍ଦ କରିଛନ୍ତି। 'ଗଦର ୨' ପରେ ସନ୍ନି ଦେଓଲଙ୍କ ଚାହିଦା ବହୁତ ବଢ଼ିଯାଇଛି। ଅଭିନେତା ତୁରନ୍ତ ତାଙ୍କର ଫିସ୍ ବଢେଇ ଡବଲ କରିଦେଇଛନ୍ତି। ତେବେ ୨୦୦ କୋଟି ବଜେଟ୍‌ରେ ତିଆରି ହୋଇଥିବା ଏହି ଫିଲ୍ମ ପାଇଁ କିଏ କେତେ ନେଇଛନ୍ତି ଆସନ୍ତୁ ଜାଣିବା।

ସନ୍ନି ଦେଓଲ: ଜାଟ୍‌ରେ ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ସନ୍ନି ଦେଓଲ ତାଙ୍କ ଭୂମିକା ପାଇଁ ମୋଟା ଅଙ୍କର ଫିସ୍ ନେଇଛନ୍ତି। ଏକ ରିପୋର୍ଟ ଅନୁସାରେ, ଅଭିନେତା ୫୦ କୋଟି ଟଙ୍କା ନେଇଥିବା ଜଣାପଡ଼ିଛି। ୪୨ ବର୍ଷ ମଧ୍ୟରେ ଏହା ହେଉଛି ତାଙ୍କର ସବୁଠାରୁ ବଡ଼ ପାରିଶ୍ରମିକ। ସେ ପୁଣି ଥରେ ବଲିଉଡର ସବୁଠାରୁ ଅଧିକ ପାରିଶ୍ରମିକ ନେଉଥିବା ଅଭିନେତାଙ୍କ ମଧ୍ୟରୁ ଜଣେ ହୋଇଯାଇଛନ୍ତି।

ରଣଦୀପ ହୁଡା: ରିପୋର୍ଟ ଅନୁସାରେ, ରଣଦୀପ ହୁଡା 'ଜାଟ'ରେ ଏକ ଖଳନାୟକ ଭୂମିକାରେ ନଜର ଆସିବେ। ସେ ରଣତୁଙ୍ଗା ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମ ପାଇଁ ତାଙ୍କୁ ୭ କୋଟି ମିଳିଛି।

ଜଗପତି ବାବୁ: ଅଭିନେତା ଜଗପତି ବାବୁ ଏହି ଚଳଚ୍ଚିତ୍ରରେ ଏକ ଭିନ୍ନ ଭୂମିକାରେ ନଜର ଆସିବେ। ତାଙ୍କ ଭୂମିକା ପାଇଁ ସେ ୧ କୋଟି ଟଙ୍କା ନେଇଛନ୍ତି।

ରାମ୍ୟା କୃଷ୍ଣନ: ସାଉଥ୍ ଏବଂ ବଲିଉଡ୍ ଫିଲ୍ମରେ କାମ କରିଥିବା ରାମ୍ୟା କୃଷ୍ଣନ୍ ମଧ୍ୟ 'ଜାଟ୍'ର ଏକ ଅଂଶ ହୋଇଛନ୍ତି। ଏଥିପାଇଁ ତାଙ୍କୁ ୭୦ ଲକ୍ଷ ଟଙ୍କା ମିଳିଛି।

ସୈୟାମୀ ଖେର: ସୈୟାମୀ ଖେର ଏହି ଫିଲ୍ମରେ ଏକ ଭିନ୍ନ ଭୂମିକାରେ ନଜର ଆସିବେ। ତାଙ୍କୁ ଏହି ଫିଲ୍ମରେ କାମ କରିବା ନେଇ ୧ କୋଟି ଟଙ୍କା ମିଳିଛି।

ବିନୀତ ସିଂହ: ବିନୀତ ସିଂହ ସମ୍ପ୍ରତି 'ଛାଭା'ରେ ଭିକି କୌଶଲଙ୍କ ସହିତ ନଜର ଆସିଥିଲେ। ସେ ମଧ୍ୟ 'ଜାଟ'ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। 'ଜାଟ' ପାଇଁ ବିନୀତ ସିଂହ ୧ କୋଟିରୁ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଫିସ୍ ପାଇଥିବା ଜଣାପଡ଼ିଛି।

# ବିଗ୍ ବିଙ୍କ ୩୪ ବର୍ଷ ପୁରୁଣା ଗୀତ ଯାହା ରିଲିଜ୍ ହେବା ପରେ ନାଚିଥିଲା ପୂରା ହଲ୍, କପ୍ ଉଠାଇ ନାଚିଥିଲେ ଲୋକ

ବିହାରର ଗଳିରୁ ବାହାରି ବଲିଉଡରେ ପାଦ ଦେବା ପରେ ପ୍ରଥମେ ଅନେକ ଫ୍ଲପ୍ ଆଉ ତା'ପରେ ହିଟ୍ ପରେ ହିଟ୍ , ସୁପରହିଟ୍ , ବ୍ଲକବଷ୍ଟର୍ ଦେଇ ସିନେପ୍ରେମୀଙ୍କ ମନରେ ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି ବିଗ୍ ବି । ଅଭିନେତାଙ୍କ ଅଭିନୟର ଯାଦୁ ଯେମିତି ଫ୍ୟାନ୍ସଙ୍କ ମନରେ ଘର କରିଛି ଠିକ୍ ସେମିତି ତାଙ୍କ ସିନେମାର ପ୍ରତିଟି ଗୀତ ଲୋକଙ୍କୁ ଗୁଣୁଗୁଣେଇବାରେ ବାଧ କରିଛି କହିଲେ ଭୁଲ୍ ହେବନି ।



ମେଗାଷ୍ଟାର୍ କୁହନ୍ତୁ କିମ୍ବା ବଲିଉଡର ବିଗ୍ ବି ହିନ୍ଦୀ ସିନେମା ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅଭିନେତା ହେଉଛନ୍ତି ଅମିତାଭ୍ ବଚ୍ଚନ । ଯେ ନିଜର କ୍ୟାରିୟରର ଆରମ୍ଭ ୫୫ ବର୍ଷ ପୂର୍ବେ କରିଥିଲେ । ବିହାରର ଗଳିରୁ ବାହାରି ବଲିଉଡରେ ପାଦ ଦେବା ପରେ ପ୍ରଥମେ ଅନେକ ଫ୍ଲପ୍ ଆଉ ତା'ପରେ ହିଟ୍ ପରେ ହିଟ୍ , ସୁପରହିଟ୍ , ବ୍ଲକବଷ୍ଟର୍ ଦେଇ ସିନେପ୍ରେମୀଙ୍କ ମନରେ ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି ବିଗ୍ ବି । ଅଭିନେତାଙ୍କ ଅଭିନୟର ଯାଦୁ ଯେମିତି ଫ୍ୟାନ୍ସଙ୍କ ମନରେ ଘର କରିଛି ଠିକ୍ ସେମିତି ତାଙ୍କ ସିନେମାର ପ୍ରତିଟି ଗୀତ ଲୋକଙ୍କୁ ଗୁଣୁଗୁଣେଇବାରେ ବାଧ କରିଛି କହିଲେ ଭୁଲ୍ ହେବନି । ଆଜି ଆମେ ଆପଣଙ୍କୁ ତାଙ୍କର ଗୋଟିଏ ୩୪ ବର୍ଷ ପୁରୁଣା ଗୀତ ବିଷୟରେ ମନେ ପକାଇଦେବାକୁ ଚାହୁଁଛୁ ଯାହା ପ୍ରେକ୍ଷାଳୟରେ ସିନେପ୍ରେମୀଙ୍କୁ ସିଟରୁ ଉଠି ନାଚିବା ପାଇଁ ବାଧ କରିଥିଲା । ଆଜି ମଧ୍ୟ ସେହି ଗୀତଟି ବାଜି ଉଠିଲେ ପାଦ ଯେମିତି ନାଚି ଉଠେ ।



ଆମେ ଆପଣଙ୍କୁ ୧୯୯୧ ମସିହାରେ ରିଲିଜ୍ ହୋଇଥିବା ଆକ୍ସନ୍ ଡ୍ରାମା ଫିଲ୍ମ 'ହମ୍' ର ସୁପରହିଟ୍ ଗୀତ 'ଜୁମ୍ମା ଚୁମା ଦେ ଦେ' ବିଷୟରେ କହୁଛୁ । ସେ ସମୟରେ ଏହି ଗୀତଟି ଖୁବ୍ ଲୋକପ୍ରିୟ ହୋଇଥିଲା ଯାହାକୁ ଏବେବି ଲୋକ ଶୁଣିବାକୁ ଭାରି ପସନ୍ଦ କରନ୍ତି । ଏହି ଗୀତରେ ଅମିତାଭଙ୍କ ସହ ଅଭିନେତ୍ରୀ କିମି କାଟକର୍ ନଜର ଆସିଥିଲେ । ଯେ ନାଲି ରଙ୍ଗର ଡ୍ରେସ୍ ପିନ୍ଧି ଖୁବ୍ ସୁନ୍ଦର ଡ୍ୟାନ୍ସ କରିଥିଲେ । ସିନେମାରେ ସେ ଜୁମ୍ମା ନାମକ ଯୁବତୀ ଭୂମିକାରେ ଅଭିନୟ କରିଥିଲେ । ୩୪ ବର୍ଷ ପୂର୍ବରୁ ଏହି ଗୀତର କ୍ରେଜ୍ ଲୋକଙ୍କୁ ଏମିତି କିମିଆ କରିଥିଲା ଯେ ହଲରେ ସିଟି ଉପରେ ସିଟି ବାଜୁଥିଲା । ଲୋକ ଥରେ ନାଚିବା ଆରମ୍ଭ କରୁଥିଲେ ଥମିବାର ନାଁ ନେଉନଥିଲେ । ସବୁଠୁ ବଡ଼ କଥା ହେଉଛି ସେ ସମୟରେ ଏହି ଗୀତଟି ସପ୍ତାହେରୁ ଉପରେ ଟ୍ରେଣ୍ଡିଂରେ ଚାଲିଥିଲା । ବର୍ତ୍ତମାନ ଗୋଟିଏ ଗୀତ ଯଦି ଟ୍ରେଣ୍ଡିଂରେ ଆସୁଛି ତା'ହେଲେ ଏହା ପଛରେ ସୋସିଆଲ୍ ମିଡିଆର ବହୁତ ବଡ଼ ଭୂମିକା ରହୁଛି କିନ୍ତୁ ସେ ସମୟରେ ବିନା ପ୍ରମୋଶନରେ ଏହି ଗୀତଟି ଖୁବ୍ ଚର୍ଚ୍ଚା ସାଉଁଟିଥିଲା । ବେଷ୍ଟ୍ କୋରିଓଗ୍ରାଫି ପାଇଁ ଏହି ଗୀତଟିକୁ ସେତେବେଳେ ଫିଲ୍ମଫେୟାର୍ ଆୱାର୍ଡ ମଧ୍ୟ ମିଳିଥିଲା । ଆଜି ବି ବିଭିନ୍ନ ପାର୍ଟି କିମ୍ବା ଭୋଜିରେ ଏହି ଗୀତଟି ବାଜିଲେ ଲୋକ କପ୍ ଉଠାଇ ନାଚିବାକୁ ଜମାରୁ ଭୁଲନ୍ତି ନାହିଁ ।

ମହାନାୟକ ଅମିତାଭ୍ ବଚ୍ଚନଙ୍କ ଏହି ଫିଲ୍ମକୁ ମୁକୁଲ୍ ଏସ୍.ଆନନ୍ଦ ନିର୍ଦ୍ଦେଶନା ଦେଇଥିଲେ । ସିନେମାରେ ଅମିତାଭ୍ , କିମିଙ୍କ ସମେତ ରଜନୀକାନ୍ତ , ଗୋବିନ୍ଦା , ଦୀପା ସାହି , ଶିଳ୍ପା ଶିରୋଡକର ,ଡେନି ଡେଞ୍ଜୋଗପା , ଅନୁପମ୍ ଖେର୍ ଏବଂ କାଦର ଖାନ୍ ବିଭିନ୍ନ ଚରିତ୍ରରେ ନଜର ଆସିଥିଲେ । ହମ୍ ସିନେମାଟି ଜବରଦସ୍ତ ଆକ୍ସନରେ ଭରପୂର ଥିଲା । ଫିଲ୍ମକୁ ୭ କୋଟି ଟଙ୍କା ବ୍ୟୟରେ ପ୍ରସ୍ତୁତ କରାଯାଇଥିଲା ଯାହା ପରେ ସଫଳତା ମଧ୍ୟ ହାସଲ କଲା । ଏହାର ୱାର୍ଲ୍ଡୱାଇଡ୍ କଲେକ୍ସନ୍ ପାଖାପାଖି ୨୦ କୋଟି ଟଙ୍କା ଥିଲା ।





# ଘରେ ନରହି ବି କଙ୍ଗନାଙ୍କ ପାଖକୁ ଆସୁଛି ୧ ଲକ୍ଷର ବିଜୁଳି ବିଲ୍

ଲୋକପ୍ରିୟ ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ତାଙ୍କର ସଂସଦୀୟ ଦାୟିତ୍ୱ ଏବଂ ତାଙ୍କ ଫିଲ୍ମ ପ୍ରୋଜେକ୍ଟଗୁଡ଼ିକର ସୁଟିଂରେ ବ୍ୟସ୍ତ ଅଛନ୍ତି। କିଛି ଦିନ ତଳେ କଙ୍ଗନାଙ୍କୁ ହିମାଚଳ ପ୍ରଦେଶର ମଣ୍ଡିରେ ଆୟୋଜିତ ଏକ ରାଜନୈତିକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା। ଏଠାରେ କଙ୍ଗନା ଏକ ବଡ଼ ଖୁଲାସା କରିଥିଲେ। ମଣ୍ଡିରେ ଥିବା ତାଙ୍କ ଘରର ବିଦ୍ୟୁତ୍ ବିଲ୍ ବିଷୟରେ ଚାଞ୍ଚଲ୍ୟକର ସୂଚନା ଦେଇଥିଲେ ଅଭିନେତ୍ରୀ। ସେ କହିଥିଲେ ଯେ, ତାଙ୍କର ବିଦ୍ୟୁତ୍ ବିଲ୍ ପ୍ରତି ମାସରେ ୧ ଲକ୍ଷ ଟଙ୍କା ଆସୁଛି। ଏହା ସହିତ ସେ ହିମାଚଳ ପ୍ରଦେଶ ସରକାରଙ୍କୁ ସମାଲୋଚନା କରିଥିଲେ। କଙ୍ଗନା ରାଣାଓ୍ୱତ ତାଙ୍କ ମନାଲି ଘର ପାଇଁ ମିଳିଥିବା ମୋଟା ଅଙ୍କର ବିଦ୍ୟୁତ୍ ବିଲ୍ ପାଇଁ କଂଗ୍ରେସ ନେତୃତ୍ୱାଧୀନ ହିମାଚଳ ପ୍ରଦେଶ ସରକାରଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ, ଏହି ମାସରେ ମନାଲିରେ ଥିବା ମୋ ଘର ପାଇଁ ମୁଁ ୧ ଲକ୍ଷ ଟଙ୍କାର ବିଦ୍ୟୁତ୍ ବିଲ୍ ପାଇଛି, ଯେଉଁଠାରେ ମୁଁ ରହୁନାହିଁ। ପରିସ୍ଥିତି ଏତେ ଖରାପ ହୋଇଗଲାଣି। ମୋ ଭାଇ-ଭଉଣୀମାନଙ୍କୁ ଏତିକି ଅନୁରୋଧ ରାଜ୍ୟର ଉନ୍ନତି ପାଇଁ କାମ କରନ୍ତୁ। ରାଜ୍ୟ ସରକାର ହେଉଛନ୍ତି ଗଧିଆ ଏବଂ ମନାଲିର ଲୋକମାନଙ୍କୁ ସେମାନଙ୍କ କବଳରୁ ବାହାରିବାକୁ ପଡିବ। ଏହି ଦେଶକୁ, ଏହି ରାଜ୍ୟକୁ ପ୍ରଗତି ପଥରେ ନେବା ଆମ ସମସ୍ତଙ୍କର ଦାୟିତ୍ୱ। ହେଲେ ପ୍ରଗତି ପାଇଁ ଆମକୁ ଗଧିଆଙ୍କ କବଳରୁ ମୁକ୍ତ ହେବାକୁ ପଡ଼ିବ।

# ଡ୍ରାଗନ୍ ଦେଲା ପରିଚୟ: ସୋସିଆଲ୍ ମିଡିଆରେ ଛାଇଗଲେ ଏହି ୨୪ ବର୍ଷୀୟ ଅଭିନେତ୍ରୀ



'ଡ୍ରାଗନ୍' ସିନେମାରୁ ତାମିଲ ଇଣ୍ଡଷ୍ଟ୍ରିରେ ଏଣ୍ଟ୍ରି କରିଥିବା 'କାୟାଡୁ ଲୋହାର' ଏବେ ସମସ୍ତ ସୋସିଆଲ ମିଡିଆରେ ଛାଇ ଯାଇଛନ୍ତି। 'ଡ୍ରାଗନ୍' ଫିଲ୍ମରେ ମୁଖ୍ୟ ନାୟିକା ଭୂମିକାରେ ନଥାଇ ମଧ୍ୟ କାୟାଡୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିସହିତ ସେ ନବାଗତା ଅଭିନେତ୍ରୀମାନଙ୍କ ପାଇଁ ମଧ୍ୟ ପ୍ରେରଣା ସାଜିଛନ୍ତି ଯେଉଁମାନେ ତାଙ୍କ ପରି ଏକ ମଧ୍ୟବିତ୍ତ ପରିବାରରୁ ଆସି ସିନେ ଜଗତରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିବେ। "ନିମ୍ନ ମଧ୍ୟବିତ୍ତ ପରିବାରର ଝିଅ ପାଇଁ ତାଙ୍କ ସ୍ୱପ୍ନକୁ ଅନୁସରଣ କରିବା ଏବଂ ପୂରଣ କରିବା କଷ୍ଟକର। ତେଣୁ, ମୁଁ ନିଜ ପାଇଁ ଏହା କରିବାକୁ ଚାହୁଁଛି ଏବଂ ସେହି ଝିଅମାନଙ୍କ ପାଇଁ ଏକ ପଥ ପ୍ରସ୍ତୁତ କରିବାକୁ ଚାହୁଁଛି ଯେଉଁମାନେ ନିଜର ସ୍ୱପ୍ନ ହାସଲ କରିବାର ସ୍ୱପ୍ନ ଦେଖୁଥିବା କାୟୁଡୁ କହିଥିଲେ।" ମନୋରଞ୍ଜନ ଶିଳ୍ପରେ ତାଙ୍କର ଯାତ୍ରା ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ତାଙ୍କ ମାଆ ତାଙ୍କୁ ଟାଇମ୍ସ ଫ୍ରେସ୍ ଫେସ୍ ସିଜିନ୍ ୧୨ ରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ସୋବିଜରେ ତାଙ୍କର କ୍ୟାରିଅର ଆରମ୍ଭ କରିବାର ସୁଯୋଗ ଦେବା ପାଇଁ ଏହି ପ୍ଲାଟଫର୍ମକୁ ଶ୍ରେୟ ଦେଇ କାୟୁଡୁ ପ୍ରକାଶ କରିଥିଲେ, "କଲେଜ ସମୟରେ, ମୋ ମାଆ ମୋତେ ଟାଇମ୍ସ ଫ୍ରେସ୍ ଫେସ୍ ସିଜିନ୍ ୧୨ ରେ ଅଂଶଗ୍ରହଣ କରିବାକୁ କହିଥିଲେ, କାରଣ ଏହା ଛୁଟିଦିନ ଥିଲା। ମୁଁ ଅଂଶଗ୍ରହଣ କରିଥିଲି ଏବଂ ପ୍ରତିଯୋଗିତା ଜିତିଥିଲି, ଏବଂ ସେତେବେଳେ ଜଣେ କାଷ୍ଟିଂ ନିର୍ଦ୍ଦେଶକ ମୋ ସହିତ ଏକ ବିଜ୍ଞାପନ ପାଇଁ ଯୋଗାଯୋଗ କରିଥିଲେ। ଖୁବ୍ ଶୀଘ୍ର, ମୁଁ ମୋର ପ୍ରଥମ କନ୍ନଡ ଫିଲ୍ମ (ମୁଗିଲପେଟ୍) କରିବାକୁ ପାଇଲି।" ଯଦିଓ ସେ ତାଙ୍କର ପ୍ରାରମ୍ଭିକ ପରିଣତ ବୟସରେ ସିନେ ଜଗତରେ ପ୍ରବେଶ କରିଛନ୍ତି, ଅଭିନୟ ପ୍ରତି ତାଙ୍କର ଭଲପାଇବା ପାଞ୍ଚ କିମ୍ବା ଛଅ ବର୍ଷ ବୟସରୁ ଆରମ୍ଭ ହୋଇଥିଲା। ଏହି ସାକ୍ଷାତକାରରେ, ୨୪ ବର୍ଷୀୟ ଅଭିନେତ୍ରୀ ମନେ ପକାଇଥିଲେ ଯେ ସେ କିପରି ଛୈୟା ଛୈୟା ଗୀତରେ ନାଚି ମାଧୁରୀ ଦୀକ୍ଷିତ ଏବଂ ଶ୍ରୀଦେବୀଙ୍କୁ ଅନୁକରଣ କରୁଥିଲେ। ଅଭିନୟ କରିବାକୁ ଚାହୁଁଥିଲେ କି ନାହିଁ ତାହା ନିଷ୍ପତ୍ତି ନେବା ପାଇଁ ତାଙ୍କୁ ସମୟ ଲାଗିଥିଲା, କିନ୍ତୁ କୟାଡୁଙ୍କ ପାଖରେ ସବୁବେଳେ ଏକ ଦକ୍ଷତା ଥିଲା। ସେ ଜାଣି ନଥିଲେ ଯେ ପ୍ରାୟ ଦୁଇ ଦଶନ୍ଧି ପରେ, ସେ ଶିଳ୍ପର ଉଦୀୟମାନ ପ୍ରତିଭାମାନଙ୍କ ମଧ୍ୟରେ ସାମିଲ ହେବେ। ତେବେ 'ଡ୍ରାଗନ'ର ସଫଳତା ବିଷୟରେ କହିବାକୁ ଗଲେ, କାୟାଡୁ କହିଛନ୍ତି, "ଡ୍ରାଗନକୁ ଯେଉଁ ପ୍ରତିକ୍ରିୟା ମିଳିଛି ତାହା ଅବାସ୍ତବ। ନିର୍ଦ୍ଦେଶକ ଏବଂ ପ୍ରଯୋଜକମାନେ ଏବେ ମୋ ଭିତରେ ସମ୍ଭାବନା ଦେଖୁଛନ୍ତି। ଡ୍ରାଗନ ପୂର୍ବରୁ, କାୟାଡୁ କିଏ ତାହା କେହି ଜାଣି ନଥିଲେ। ବର୍ତ୍ତମାନ, ଦର୍ଶକମାନେ ଫିଲ୍ମରେ ମୋର ଚରିତ୍ରକୁ ଭଲ ପାଉଛନ୍ତି ଏବଂ ମୋତେ କାୟାଡୁ ଭାବରେ ଜାଣନ୍ତି। ଏହାକୁ ପୂରଣ କରିବା ବହୁତ କଷ୍ଟକର। ଏବଂ ମୁଁ ଯେଉଁ ପ୍ରକାରର ପ୍ରୋଜେକ୍ଟ ପାଉଛି ଯାହା ମୁଁ ସବୁବେଳେ ସ୍ୱପ୍ନ ଦେଖିଛି, ତେଣୁ ମୁଁ ଏହି ସବୁ ଭଲପାଇବା ପାଇଁ ମୁଁ ବହୁତ ଖୁସି।"

# ଗଞ୍ଜାମ ଜିଲ୍ଲାର ଡିଇଓ ଓ ଏଡିଇଓ ପଦବୀ ନିଯୁକ୍ତକୁ ସ୍ୱାଗତ

ଗଞ୍ଜାମ,୧୦/୪(ନି।ପ୍ର): ଗଞ୍ଜାମ ରାଜ୍ୟର ବୃହତ୍ତର ଜିଲ୍ଲା। ଏହି ଜିଲ୍ଲାର ସ୍କୁଲ ଶିକ୍ଷା ବ୍ୟବସ୍ଥାରେ ଗତ କିଛି ମାସ ଧରି ବିଭିନ୍ନ ସମସ୍ୟା ସୃଷ୍ଟି ହୋଇ ଏକ ପ୍ରକାର ଠପ୍ ହୋଇଯାଇଥିଲା। ଇତି ମଧ୍ୟରେ ମାଟ୍ରିକ ପରୀକ୍ଷା,ମାଟ୍ରିକ ପରୀକ୍ଷାର୍ଥୀଙ୍କ ଉତ୍ତର ଖାତା ମୂଲ୍ୟାୟନ, ପ୍ରଶ୍ନ ପତ୍ର ଯୋଗାଣରେ ତୃଟି ସମେତ ଶିକ୍ଷକ ମାନଙ୍କର ବଦଳୀ ପ୍ରଭୃତି ସମସ୍ୟା ସୃଷ୍ଟି ହୋଇଛି।ଦୀର୍ଘ ଦିନ ଧରି ଗଞ୍ଜାମ ଜିଲ୍ଲାରେ ଡିଇଓ ଓ ଏଡିଇଓ ପଦବୀ ଶୂନ୍ୟ ପଡିରହିଥିବା ପରିପ୍ରେକ୍ଷୀରେ ବହୁବିଧ ସମସ୍ୟା ସୃଷ୍ଟି ହୋଇ ଛି।ଗଞ୍ଜାମ ଜିଲ୍ଲା ଶିକ୍ଷା ବଞ୍ଚାଅ ଅଭିଯାନ ତରଫରୁ ବିଭିନ୍ନ ସମୟରେ ଏହାର ପ୍ରତିବାଦ କରାଯାଇ ରାଜ୍ୟ ସରକାରଙ୍କୁ ଲିଖିତ ଅଭିଯୋଗ କରାଯାଇ ବିଭିନ୍ନ ପତ୍ର ପତ୍ରିକାରେ ଅସନ୍ତୋଷ ପ୍ରକାଶ କରାଯାଇ ଆନ୍ଦୋଳନ କରିବା ପାଇଁ ଚେତାବନି ଦିଆଯାଇଥିଲା।ଗତ ୭ ତାରିଖରେ ରାଜ୍ୟ ସରକାର ଜିଲ୍ଲାର ସମସ୍ୟା ଉପଲବ୍ଧ କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ନମ୍ବର ୧୦୧୦୯ ଜରିଆରେ ଡିଇଓ ପଦବୀରେ କେନ୍ଦୁଝର ଜିଲ୍ଲାର ଡିଇଓ ଅଜୟ କୁମାର ପାତ୍ରଙ୍କୁ ନିଯୁକ୍ତି ଦେବା ସଙ୍ଗେ ସଙ୍ଗେ ଡଃ ପ୍ରଭାତି ମହାପାତ୍ର, ଏସ୍.ଗିରିଧର, ଏସ୍.ଧନଞ୍ଜୟ ଏବଂ ବସନ୍ତ କୁମାର ପଣ୍ଡାଙ୍କୁ ଏଡିଇଓ ରୂପେ ନିଯୁକ୍ତି ଦେଇଛନ୍ତି।ନବ ନିଯୁକ୍ତ ଡିଇଓ ଏହି ଜିଲ୍ଲା ପାଇଁ ନୂଆଁ ହୋଇଥିବା ବେଳେ ୪ ନବନିଯୁକ୍ତ ଏଡିଇଓ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାର ସ୍ଥିତି ଉପରେ ସଚେତନ ଅଛନ୍ତି ଏବଂ ନିଜ ନିଜର ଅଭିଜ୍ଞତା ଏବଂ ଅନୁଭୂତି ଉପଯୋଗ କରି ଜିଲ୍ଲାର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ସଙ୍ଗେ ସଙ୍ଗେ ଡିଇଓ ଅଫିସରୁ ଦୁର୍ନୀତୀ ଲୋପକରି ଏକ ଆଦର୍ଶ ଜିଲ୍ଲାରେ ପରିଣତ କରିବା ପାଇଁ ଡିଇଓଙ୍କୁ ଠିକ୍ ପରାମର୍ଶ ଦେବାକୁ ଗଞ୍ଜାମ ଜିଲ୍ଲା ଶିକ୍ଷା ବଞ୍ଚାଅ ଅଭିଯାନ ତରଫରୁ ସଭାପତି ତଥା ବରିଷ୍ଠ ସାମ୍ବାଦିକ ରବି ରଥ,ସାଧାରଣ ସମ୍ପାଦକ ତଥା ଓଷ୍ଟାର ପୂର୍ବତନ ଗଂଜାମ ଜିଲ୍ଲା ସଂପାଦକ କାମରାଜୁ ମହାରଣାଙ୍କ ସମେତ କାର୍ଯ୍ୟକାରୀ ସଭାପତି ତଥା ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚର ସଭାପତି ରାଜେନ୍ଦ୍ର କୁମାର ପଣ୍ଡା,ଉପସଭାପତି ଶ୍ୟାମସୁନ୍ଦର ଖାଡ଼ୁଙ୍ଗା,ଶିକ୍ଷକ ମହାସଂଘର ସମ୍ପାଦକ ଅେ ସେବୀ ମାନସ ରଞ୍ଜନ ତ୍ରିପାଠୀ,ରାମକୃଷ୍ଣ ପାତ୍ର, ସଂପାଦକ ସୁସାନ୍ତ କର ପ୍ରମୁଖ ଏକ ମିଳିତ ପ୍ରେସ୍ ବିବୃତ୍ତିରେ ପ୍ରକାଶ କରିଛନ୍ତି।ଜିଲ୍ଲାର ଶିକ୍ଷା ବ୍ୟବସ୍ଥାରେ ଆବଶ୍ୟକ ସନ୍ତୁଳନ ଆଣିବାରେ ଜିଲ୍ଲା ଶିକ୍ଷା ଅଭିଯାନ ସମସ୍ତ ସହଯୋଗ କରିବ ବୋଲି ଅଭିଯାନ ପ୍ରସ୍ତୁତ ଥିବା ବିଷୟ ଉକ୍ତ ବିବୃତିରେ ପ୍ରକାଶ କରାଯାଇଛି।

## ଅଜଣା ଟ୍ରକ ଧକ୍କାରେ ଜଣେ ମୃତ

ଚମ୍ପୁଆ,୧୦/୪(ନି।ପ୍ର): ଚମ୍ପୁଆ ୨୦ନଂବର ଜାତୀୟ ରାଜପଥ ନିକୋଲସନ ବନ ବିଦ୍ୟାଳୟ ନିକଟରେ ଟ୍ରକ୍ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ବିରଂଚି ମହାନ୍ତ(୬୦) ବୋଲି ଜଣାପଡିଛି। ସେ ଆଠ ମାସ ତଳେ ଚମ୍ପୁଆ ସମନ୍ୱିତ ଆଦିବାସୀ ଉନ୍ନୟନ କାର୍ଯ୍ୟାଳୟରୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ଆଜି ଭୋର ସକାଳ ପ୍ରାୟ ସାଢ଼େ ଚାରି ଘଟିକା ସମୟରେ ଚମ୍ପୁଆରୁ କଟକ ଯାଉଥିବା ସରକାରୀ ବସରେ ଝୁମ୍ପୁରା ଯିବା ପାଇଁ ଘରୁ ବାହାରି ଚାଲି ଚାଲି ଚମ୍ପୁଆ ବଜାର କୁ ଆସୁଥିବା ବେଳେ ନିକୋଲସନ ବନ ବିଦ୍ୟାଳୟ ନିକଟରେ ଏକ ଟ୍ରକ୍ ବିରଂଚିଙ୍କୁ ପଛ ପଟରୁ ଧକ୍କା ଦେଇ ଚଢି ଯାଇଥିଲା। ଫଳରେ ଘଟଣା ସ୍ଥଳରେ ବିରଂଚିଙ୍କ ମୃତ୍ୟୁ ଘଟିଥିଲା।

# ବିଜ୍ଞାନ ଓ କାରିଗରୀ, ଶ୍ରମ ଏବଂ ରାଜ୍ୟ କର୍ମଚାରିବୀମା ବିଭାଗ ପ୍ରମୁଖ ଶାସନ ସଚିବଙ୍କ ବେଗୁନିଆ ଓ ବୋଲଗଡ ଗସ୍ତ

ଖୋର୍ଦ୍ଧା,୧୦/୪(ନି।ପ୍ର): ଖୋର୍ଦ୍ଧା ଜିଲ୍ଲା ଉନ୍ନୟନ ତଦାରଖରେ ଥିବା ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ, ଶ୍ରମ ଏବଂ ରାଜ୍ୟ କର୍ମଚାରିବୀମା ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ଗତ କାଲିଠାରୁ ତିନିଦିନିଆ ଖୋର୍ଦ୍ଧା ଜିଲ୍ଲା ଗସ୍ତରେ ଆସି ଆଜି ବେଗୁନିଆ ଓ ବୋଲଗଡ଼ ବ୍ଲକର ବିଭିନ୍ନ ଅଂଚଳ ଗସ୍ତ କରି ନୂତନ ଭାବେ ଚାଲୁରହିଥିବା ପ୍ରକଳ୍ପ ଗୁଡିକର ନିର୍ମାଣ କାର୍ଯ୍ୟ ବୁଲିଦେଖିବାସହ ଉପୁଜୁଥିବା ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରି ପ୍ରକଳ୍ପ କାର୍ଯ୍ୟ ଆଗେଇନେବାକୁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବେଗୁନିଆ ବ୍ଲକ କୁଶପଲ୍ଲୀ ଠାରେ ୧୮ କୋଟି ୧୫ ଲକ୍ଷ ବ୍ୟୟ ଅଟକକଳରେ ନବ ନିର୍ମିତ ବୃହତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରି ଉପୁଜୁଥିବା ସମସ୍ୟା ସମ୍ବନ୍ଧରେ ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗଣ ଓ ପରିମଳ ରଶ୍ମିତା ଦାସ ଙ୍କୁ ପଚାରି ବୁଝି ସମାଧାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ମହାନଦୀରୁ ପାଣି ଉଠାଇବା, ପାଇପ ଲାଇନ ସଂଯୋଗ, ଜମି ଜମା ସମସ୍ୟା, ଶ୍ରମିକ ନିଜୁକ୍ତି , ଶ୍ରମିକ ମାନଙ୍କୁ ତାଲିମ ଦେଇ କାର୍ଯ୍ୟ କରାଇବା, କାର୍ଯ୍ୟର ମାନ ଉତମ ମାନର ହେବା, ଶ୍ରମିକ ମାନଙ୍କ ରେଜିଷ୍ଟର ଉପଯୁକ୍ତ ଭାବେ ପ୍ରସ୍ତୁତ କରିବା, ଅଂଚଳରେ ଥିବା ଶ୍ରମିକ କାର୍ଡ ଧାରୀଙ୍କୁ ଶ୍ରମ ପ୍ରଦାନ କରିବା ଓ ଶ୍ରମିକ କାର୍ଡ ଯାଂଚ କରିବାକୁ ଶ୍ରମ ଅଧିକାରୀ, ମଣ୍ଡଳ ଉନ୍ନୟନ ଅଧିକାରୀ ଏବଂ ଅଧିକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇ ଆସନ୍ତା ୯ ମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ସମ୍ପୃକ୍ତ ଅଧିକ୍ଷଣ ଯନ୍ତ୍ରୀ ଓ ମେସେର୍ସ ଲାର୍ଜେନ ଆଣ୍ଡ ଟାଉବ୍ରୋ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ପାନୀୟ ଜଳ ପ୍ରକଳ୍ପରେ ବେଗୁନିଆ ବ୍ଲକର ୫ଗୋଟି ପଂଚାୟତ ସମେତ, ଖୋର୍ଦ୍ଧା ଓ ଜଟଣୀ ବ୍ଲକର ସମସ୍ତ ପଂଚାୟତବାସୀ ଉପକୃତ ହୋଇପାରିବେ । ପରେ ପ୍ରମୁଖ ଶାସନ ସଚିବ ରାଧାକାନ୍ତ ପୁର ଗ୍ରାମ ପଂଚାୟତ ଅଧୀନ ଧାନଘର ନୂଆଗାଁ ଗ୍ରାମ ପରିଦର୍ଶନ କରି ସଫଳ ଉଦ୍ୟାନ ଚାଷୀ ଶୁଶାନ୍ତ ପ୍ରଧାନ ଙ୍କୁ ଭେଟି ବିଭିନ୍ନ ଚାଷ ପଦ୍ଧତି ଓ କୌଶଳ ସମ୍ବନ୍ଧରେ ପଚାରି ବୁଝିବାସହ ଅଧିକରୁ ଅଧିକ ଚାଷ ପଦ୍ଧତିକୁ ଯୁବକ ମାନେ କିପାରି ଆପେଣେଇବେ ସେ ସମ୍ବନ୍ଧରେ ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରମୁଖ ଶାସନ ସଚିବ ସେଠାରେ ସୁଶାନ୍ତ ପ୍ରଧାନ ଙ୍କ ଲେମ୍ବୁ ଚାଷ, ଗେଣ୍ଡୁ ଚାଷ, ପୋଟଳ, ମାଛ, କୁନ୍ଦୁରି, କେନ୍ଦୁ ଆଦି ଚାଷ ଫାର୍ମ ବୁଲି ଦେଖିଥିଲେ। ସୁଶାନ୍ତ ପ୍ରଧାନଙ୍କ ଚାଷ କ୍ଷେତକୁ ପାଣିର ଅଧିକ ଆବଶ୍ୟକତା ଥିବା ପ୍ରମୁଖ ଶାସନ ସଚ୍ିବଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଗ୍ରାଉଣ୍ଡ ୱାଟର ବୋର୍ଡ ସହ ପରାମର୍ଶ କରି ପାଣି ଯୋଗାଇବା, କେନାଲରେ କଲଭର୍ଟ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ସଏଲ ହେଲଥ କାର୍ଡ ଆପେଣେଇବାକୁ ପ୍ରମୁଖ ଶାସନ ସଚିବ ସୁଶାନ୍ତ ପ୍ରଧାନକୁ ପରାମର୍ଶ ଦେଇ ତାଙ୍କର ଉଦ୍ୟାନ କୃଷିକୁ ଭୂୟସୀ ପ୍ରସଂଶା କରିଥିଲେ। ପ୍ରମୁଖ ଶାସନ ସଚିବ ଅରୁମୁଗମ ଧଳାପଥର ଉତ୍ପାଦନକାରୀ ଗୋଷ୍ଠୀଙ୍କ କାର୍ଯ୍ୟ, ଗେଡିଆପଲ୍ଲୀ ଅଂଚଳର ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ ତଦାରଖ କରିଥିଲେ। ପ୍ରମୁଖ ଶାସନ ସଚିବ ଙ୍କ ସହ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି ସ୍ମିତା ମହାନ୍ତି, ଉଭୟ ବ୍ଲକର ବି ଡ଼ି ଓ ଏବଂ ତହସିଲଦାର ପ୍ରମୁଖ ଯୋଗ ଦେଇ ଥିଲେ ।

## ପୁରୀରେ ଆସ ବହିଟିଏ କିଣିବା ଅଭିଯାନ

ପୁରୀ ,୧୦/୪(ନି।ପ୍ର): ଓଡ଼ିଆ ପକ୍ଷ ପାଳନର ୯ମ ଦିବସରେ ଆଜି ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିଲା ଆସ ବହିଟିଏ କିଣିବା ଅଭିଯାନ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଅତିରିକ୍ତ ଉ ଜିଲ୍ଲାପାଳ ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ସୂଚନା ଓ ଲୋକ ସମ୍ପର୍କ ଉ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ସହକାରୀ ଜିଲ୍ଲାପାଳ ତନ୍ମୟ କୁମାର ଦାସ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଅନ୍ୟାନ୍ୟ କର୍ମଚାରୀ ମାନେ ବହିଟିଏ କିଣିବା ଅଭିଯାନରେ ସାମିଲ ହୋଇଥିଲେ।

# ନକଲି ଆପ ଟ୍ରେଡ ନାଁଓ ମାଧ୍ୟମରେ କୋଟି କୋଟି ଟଙ୍କା ଠକୁଥିବା ଦଳର ୯ ସଦସ୍ୟଙ୍କୁ ଧରିଲା ପୋଲିସ: ବହୁ ଲାପଟପ ମୋବାଇଲ ଆଦି ଜବତ

ରାଉରକେଲା,୧୦/୪(ନି।ପ୍ର): ରାଜ୍ୟ ତଥା ଦେଶରେ ଅଳ୍ପ ସମୟ ଭିତରେ ଅଳ୍ପ ଟଙ୍କା କିଭଳି କୋଟି କୋଟିରେ ବଦଳିଜିବା ଭଳି ମାନସିକତା ରଖୁଥିବା ଲୋକଙ୍କୁ ଟାର୍ଗେଟ କରି ଏକ ନକଲି ଆପ ,ଟ୍ରେଡ ନାଁଓ ନାମକ ଆପ ଜରିଆରେ ଦିନକୁ ପ୍ରାୟ ୫୦ ଲକ୍ଷରୁ ଅଧିକ କାରବାର କରୁଥିବା ଏଜ ସାଇବର ଠକ ଦଳର ୯ଜଣ ସଦସ୍ୟଙ୍କୁ ରାଉରକେଲା ପୁଲିସ ଧରିଛି । ସେମାନଙ୍କ ଠାରୁ ୫ଟି ଲାପଟ,୩୧ଟି ମୋବାଇଲ,୬୮ଟି ସିମ କାଡ ଜିଓ ଫାଇବର ବକ୍ସ ୨ଟି,୨୦ ନକଲି ରିଚୟ ପତ୍ର,୪ଟି ବ୍ୟାଙ୍କ ପାସ ବୁକ,୨ଟି ନେଡ୍ରାଇଭ,୧୯ଟି ଏଟିଏମ ଓ ଡେବିଟ କାର୍ଡ,ଗୋଟିଏ ମାରୁତି କାର,ଗୋଟିଏ ସ୍କୁଟି ଯାହାର ନମ୍ବର ହେଲା ସିଜିଆଇ-୩ଏଏଚ୦୬୫୯ ଜବତ କରି ଅଧିକ ତଦନ୍ତ ଚଳାଇଛି । ରାଉରକେଲା ସାଇବର ୟୁନିଟ ବୋଲି ଆଜି ପଶ୍ଚିମାଂଚଳ ଡିଆଇଜି ଓ ରାଉରକେଲା ଏସପି ଏକ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକ ମାନଙ୍କୁ ସୁଚନା ଦେଇଛନ୍ତି । ତେବେ ଏହି ଦଳଙ୍କୁ ରାଉରକେଲାର ବହୁ ରିଚିତ ବ୍ୟବସାୟୀ ନାମୀ ବ୍ୟକ୍ତି ଙ୍କ ପିଲା ମାନେ ସହଯୋଗ କରୁଥିବା ନେଇ ବଜାରରେ ଚର୍ଚ୍ଚା ଥିଲେ ବି ପୁଲିସ ଏନେଇ କିଛି କହିନାହିଁ । ସୁଚନା ଅନୁସାରେ ରାଉରକେଲା ପୋଲିସର ସାଇବର ଟିମ ଏନେଇ ଏକ ସୁଚନା ପାଇବା ପରେ ପ୍ରଥମେ ୨ଜଣଙ୍କୁ ଧରିଥିଲା । ସେମାନେ ଏହି ଠକେଇ ସଂପର୍କରେ କିଛି ସୁଚନା ଦେବା ପରେ ରାଉରକେଲା ସହରରେ ଅନ୍ୟ ମାନେ ଆସି ନିରାଦରେ ରହୁଥିବା ଓ ଏହି ସହରରୁ ସେମାନଙ୍କର ନେଟ ୱାର୍କ ଚଳାଇଥିବା ନେଇ କହିବା ରେ ପୋଲିସସିଭିଲଟାଉନରେ ଘନ ଘନ ଚଢାଉ କରି ଅନ୍ୟ ମାନଙ୍କୁ ଧରିବାରେ ସଫଳ ହୋଇଥିଲା । ଗିରଫ ମାନେ ହେଲେ କିଶନ ଅଗ୍ରୱାଲ (୨୬) ଛତିଶଗଡ, କୁନାଲ ଅଗ୍ରୱାଲ (୨୫) ଛତିଶଗଡ, ଅର୍ଜୁନ ସିଂ(୨୭) ଉତାରାଖଣ୍ଡ,ଗିରୀଧାରୀ ସିଂ (୩୪)ଛତିଶଗଡ,ଅଜୟ କୁମାର (୨୫)ଛତିଶଗଡ,ସନ୍ଦୀ କୁମାର ସୋନୀ (୨୮) ଛତିଶଗଡ, ସୌମେନ୍ଦ୍ର ସିଂ (୨୭) ଛତିଶଗଡ, ଅଭିଜିତ ଭରଦ୍ୱାଜ (୨୭) ଛତିଶଗଡ, ଦିନେଶ କୁମାର ସାହୁ (୨୫) ଛତିଶଗଡ । ଏମାନେ ସମସ୍ତେ ରାଉରକେଲା ପାଖ ଛତିଶଗଡ ଅଁଚଳର, ଏମାନେ ଏଠାକାର କୌଣସି ବ୍ୟକ୍ତିର ସହଯୋଗରେ ସିଭିଲ ଟାଉନର ଏକ ଭଡା ଘରେ ରହି ଏକ ଆପାର୍ଟମେଂଟକୁ ନିଜର ଠିକଣା କରି ମଜାରେ ଲୋକଙ୍କୁ ଠକିବା ସହ ଜିଓ ଫାଇବର ସଂସ୍ଥା ଜିଏ ସଂଯୋଗ ଦେବାଲାଗି ରାତିରେ ଶୋଉ ନାହିଁ ବୋଲି କୁହାଯାଏ ତାର ସଂଯୋଗ ନେଇ ଠକେଇ ବେପାର ଚଳାଇଥିଲେ । ତେବେ ପୋଲିସଏନେଇ ଅଧିକ ସୁଚନା ଦେଇନଥିବା ବେଳେ ଏନେଇ ଅଧିକ ରଦନ୍ତ ଚାଲିଥିବା କହିଛି । ତେବେ ଏମାନେ କରିଥିବା ୧କୋଟୀ ୪୧ ଲକ୍ଷ ଟଙ୍କାର କାରବାର କୁ ପୁଲିସ ସିଜ କରିଥିବା ବେଳେ ୨୩ ବ୍ୟାଙ୍କ ଆକାଉଁଟକୁ ଜବତ କରିଛି । ଏହା ଛଡା ଏମାନଙ୍କର ଆହୁରି ୧୭୬ଟି ଆକାଉଁଟ ରହିଥିବା ନେଇ ପୋଲିସସୁଚନା ଦେଇଛି ।ଧରାଯାଇଥିବା ଅଭିଯୁକ୍ତ ମାନଙ୍କ ନାମରେ ଭାରତର ବିଭିନ୍ନ କୋଣରେ ୨୭ଟି ମାମଲା ରହିଥିବା ବେଳେ ଏମାନଙ୍କ ସହ ଆଉ କେଉଁ ମାନେ ଅଛନ୍ତି ଆଉ କେତେ ଠକିଛନ୍ତି ସେ ନେଇ ତଦନ୍ତ ଚାଲିଛି । ତେବେ ଏମାନେ ଏହି ଭଳି ଠକେଇ ମାଧ୍ୟମରେ କୋଟି କୋଟି ଟଙ୍କା ଠକିବା ପରେ ଏମାନେ ବିଦେଶକୁ ଚାଲିଯାଆନ୍ତି । ଦୁବାଇ ଓ ୟୁଏଇ ଡଭଳି ସ୍ଥାଗାରେ ଏମାନେ ଯାଇ ବସବାସ କରନ୍ତି ବୋଲି ପୋଲିସକହିଛି । ତେବେ ଘର ଛତିଶ ଗଡରେ ହୋଇଥିବା ବେଳେ ଏମାନଙ୍କର ସହଯୋଗୀ ମାନେ ରାଉରକେଲାରେ ରୁହନ୍ତି , ସେମାନେ ଏହି ଦଳଙ୍କୁ ସିଭିଲ ଟାଉନ ଠାରେ ଏକ ଘରେ ରଖାଇ ଏଭଳି କାରବାର ଚଳାଇଥିଲେ ବୋଲି ପୁଲିସ ସମ୍ୟକ ସୁଚନା ଦେଇଥିଲେ ବି ରାଉରକେଲାରେ କେଉଁମାନେ ସାମିଲ ଅଛନ୍ତି ସେମାନଙ୍କର ପରିଚୟ କଣ ତାହା ଏଯାଏ ପୋଲିସକହି ନାହିଁ ।ତେବେ ଏହି ଠକ ଦଳକୁ ରାଉରକେଲାର ବହୁ ପରିଚିତ ବ୍ୟବସାୟୀ, ପଲିଟିକାଲ ଲୋକଙ୍କ ର କିଛି ପିଲାଙ୍କ ସହଯୋଗ କରୁଥିବା ନେଇ ସମ୍ୟକ ଖବର ମିଳିଥିଲେ ବି ପୁଲିସ ଏନେଇ ନିରବ ରହିଛି ।

# ବିଚ୍ ରାସ୍ତାରେ ମହିଳାଙ୍କ ବେକରୁ ଚେନ୍ ଲୁଟି ଫେରାର ମାରିଲା ଲୁଟେରା

ବଲାଙ୍ଗିର,୧୦/୪(ନି।ପ୍ର): ବିଚ୍ ରାସ୍ତାରେ ମହିଳାଙ୍କ ବେକରୁ ଚେନ୍ ଲୁଟି ଫେରାର ମାରିଛି ଲୁଟେରା । ଏଭଳି ଘଟଣା ବଲାଙ୍ଗିର ସହରର କଲେଜ ଛକ ନିକଟସ୍ଥ ଶିବଶକ୍ତି ନଗର ଡୁଙ୍ଗୁରୀପଡ଼ାରେ ଦେଖିବାକୁ ମିଳିଛି । ଲୁଟର ଶିକାର ହୋଇଥିବା ମହିଳା ଜଣକ ଶିବଶକ୍ତି ନଗରର ତନୁଜା ଆଚାର୍ଯ୍ୟ ହୋଇଥିବା ବେଳେ ସେ ପ୍ରତି ସୋମବାର ମନ୍ଦିର ଯାଆନ୍ତି । ଗତକାଲି ସୋମବାର ଥିଲା, ସେଥିପାଇଁ ଗତ କାଲି ସକାଳ ସମୟରେ ମଧ୍ୟ ସେ ପଡ଼ୋଶୀଙ୍କ ସହ ମିଶି ମନ୍ଦିର ଯାଇଥିଲେ । ଆଉ ମନ୍ଦିରରୁ ଫେରିବା ବେଳେ ଠିକ୍ ତାଙ୍କ ଘର ପାଖକୁ ହୋଇଥିଲେ, ଆଉ ଏତିକି ବେଳେ ପୂର୍ବରୁ ଜଗିବସିଥିବା ଲୁଟେରା ମହିଳାଙ୍କ ବେକରୁ ଚେନ୍ ଲୁଟି ଫେରାର ମାରିବାରେ ସଫଳ ହୋଇଛି । ହେଲେ ଯେଉଁ ରାସ୍ତା ଦେଇ ଲୁଟେରା ଜଣକ ଦୌଡ଼ି ଦୌଡ଼ି ପଳାଇଛି, ତାହା ସିସିଟିଭି ଫୁଟେଜ୍ ରେ କଏଦ୍ ହୋଇଛି । ଏହି ଘଟଣାକୁ ନେଇ ମହିଳା ଓ ତାଙ୍କ ସ୍ୱାମୀ ବଲାଙ୍ଗିର ଟାଉନ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ଘଟଣାର ତଦନ୍ତ ପାଇଁ ଖୋଦ୍ ଆଇଆଇସି ଅବନୀ ସାହୁ ଘଟଣାସ୍ଥଳରେ ପହଂଚି ଖେଳତାଡ଼ ଆରମ୍ଭ କରିଥିଲେ । ହେଲେ ଏଠି ସବୁଠୁ ବଡ଼ ପ୍ରଶ୍ନ ହେଉଛି ଯେ, ସକାଳୁ ସକାଳୁ ଜନ ଗହଳିପୂର୍ଣ୍ଣ ରାସ୍ତାରେ କାହାକୁ ଖାତିର ନ କରି ମନରେ ଟିକିଏ ବି ଭୟ ନକରି ବିଚ୍ ରାସ୍ତାରେ ମହିଳାଙ୍କ ବେକରୁ ୨୦ ଗ୍ରାମ ତଥା ୨ ଲକ୍ଷଟଙ୍କାର ଚେନ୍ ଲୁଟି, ଫେରାର ମାରୁଛି ଆଉ ଫେରାର ମାରିବାରେ ପୁଣି ସଫଳ ହେଉଛି ଲୁଟେରା ଜଣକ, ଯେମିତିକି ପୋଲିସକୁ କିଏ ପଚାରୁଛି । ତେବେ ବଲାଙ୍ଗିର ପୋଲିସକୁ ଚ୍ୟାଲେଂଜ ଲଗାଇ ଲୁଟ୍ କରି ଫେରାର ମାରିଥିବା ଲୁଟେରାକୁ ଧରିବାରେ ସଫଳ ହେବ ତ ବଲାଙ୍ଗିର ପୋଲିସ ?

## ଜାତୀୟ ହ୍ୟାଣ୍ଡବଲ ଚମ୍ପିଆନସିପର ଦ୍ୱିତୀୟ ଦିବସ

କେନ୍ଦୁଝର,୧୦/୪(ନି।ପ୍ର): କେନ୍ଦୁଝରରେ ଉଦଘାଟିତ ହୋଇଛି ୩୯ତମ ଜାତୀୟ କନିଷ୍ଠ ବାଳକ ହ୍ୟାଣ୍ଡବଲ୍ ଚମ୍ପିଆନସିପ୍ ମ୍ୟାଚ୍ । ଦୀର୍ଘ ୪୫ ବର୍ଷ ପରେ କେନ୍ଦୁଝର ହ୍ୟାଣ୍ଡବଲ୍ ପଡ଼ିଆରେ ଆୟୋଜିତ ଏହି ଜାତୀୟସ୍ତରୀୟ ଚମ୍ପିଆନସିପ୍ ର ଆଜି ଦିତୀୟ ଦିବସ । ଏଥିରେ ୨୪ଟି ରାଜ୍ୟ ଭାଗ ନେଇଛନ୍ତି । ଗତ କଲି ଠାରୁ ଆଜି ମଧ୍ୟରେ ୧୦ଟି ମ୍ୟାଚ ସମାପନ ହୋଇସାରିଛି । ଯେଉଁଥିରେ ମହାରାଷ୍ଟ୍ର - ପଶ୍ଚିମବଙ୍ଗକୁ ୩୨ - ୧୦ ଗୋଲ ରେ , ଆନ୍ଧ୍ର ପ୍ରଦେଶ - ମଧ୍ୟ ପ୍ରଦେଶ କୁ ୨୩ - ୧୧ ଗୋଲ , ଉତ୍ତର ପ୍ରଦେଶ - ତେଲେଙ୍ଗାନା କୁ ୩୦ - ୧୪ ଗୋଲ , ରାଜସ୍ଥାନ - ଛତିସଗଡ଼କୁ ୩୩ - ୯ ଗୋଲ ରେ , ଦିଲ୍ଲୀ- ଝାରଖଣ୍ଡ କୁ ୨୭ - ୭ ଗୋଲ ରେ , ବିହାର - ଆର୍ଯ୍ୟବ୍ରତ ଏକାଡେମି ୨୦ - ୨୦ ଗୋଲ ରେ , ହରିୟାନା - କେରଳକୁ ୩୦ - ୧୪ ଗୋଲ ରେ , ତାମିଲନାଡୁ - ଆନ୍ଧ୍ର ପ୍ରଦେଶ କୁ ୨୨ - ୧୮ ଗୋଲ ରେ ଓ ଯସସିୟୁ ଏକାଡେମି ମୁମ୍ବାଇ ଏକାଡେମି କୁ ୨୮ - ୧୯ ଗୋଲ ରେ ପରାସ୍ତ କରିଛି। ଏହି ଖେଳକୁ ଅଧିକା ପ୍ରୋତ୍ସାହିତ କରିବାକୁ ଆସନ୍ତା ୧୦ ତାରିଖରେ ଏହି ଜାତୀୟସ୍ତରୀୟ ଚମ୍ପିଆନସିପ୍ ମ୍ୟାଚ୍ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଭଦ୍ରକ ରୋଟାରୀ କ୍ଲବ ପ୍ରତିଷ୍ଠା ଦିବସ ଓ ନବ ନିର୍ବାଚିତ ରୋଟାରୀ ଗଭର୍ଣ୍ଣରଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ,୧୦/୪(ନି।ପ୍ର): ଭଦ୍ରକ ରୋଟାରୀ କ୍ଲବ ର ୫୪ତମ ପ୍ରତିଷ୍ଠା ଦିବସ ଓ ନବ ନିର୍ବାଚିତ ରୋଟାରୀ ଗଭର୍ଣ୍ଣର ରୋଟରିଆନ ଇନ୍ଦ୍ରଜିତ ସାହୁ ଙ୍କୁ ଭଦ୍ରକ ରୋଟାରୀ ଭବନ ଓ ସଂଲଗ୍ନ ନରେନ୍ଦ୍ର ରୟାଲ୍ସ ମଣ୍ଡପ ପରିସରରେ ଏକ ମହା ଆଡ଼ମ୍ବରପୂର୍ଣ୍ଣ ପରିବେଶରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ଥିଲା।ଏହି ସଭାରେ ରୋଟାରୀ କ୍ଲବ୍ ସଭାପତି ରୋ.ସନ୍ତୋଷ କୁମାର ନାୟକ ସଭାପତିତ୍ୱ କରିଥିଲେ ଏବଂ ଚେୟାରମେନ ରୋ.ଆମ୍ବିକ ବଲ୍ଲଭ ସ୍ୱାଇଁ ପରିଚାଳନା କରିଥିଲେ।ମୁଖ୍ୟ ଅତିଥି ଭାବରେ ଚଳିତ ରୋଟାରୀ ବର୍ଷର ଗଭର୍ଣ୍ଣର ରୋ. ଯଜ୍ଞାଶୀଷ ମହାପାତ୍ର,ଅନ୍ୟତମ ଅତିଥିବୃନ୍ଦ ପୂର୍ବତନ ରୋଟାରୀ ଗଭର୍ଣ୍ଣର ରୋ.ରବିନାରାୟଣ ନନ୍ଦ , ରୋ.ଅଶୋକ ମହାପାତ୍ର, ରୋ.ସୌମ୍ୟ ମିଶ୍ର, ରୋ.ଶାନ୍ତନୁ ପାଣି, ରୋ. ଜୟଶ୍ରୀ ମହାନ୍ତି ରୋଟାରୀ ଗଭର୍ଣ୍ଣର ନିର୍ବାଚିତ ଅନିଲ ସାମଲ ପ୍ରମୁଖ ଯୋଗଦେଇ ନବ ନିର୍ବାଚିତ ରୋଟାରୀ ଗଭର୍ଣ୍ଣର (୨୭-୨୮ ବର୍ଷ)ରୋ .ଇନ୍ଦ୍ରଜିତ ସାହୁଙ୍କ କାର୍ଯ୍ୟନିର୍ବାହୀ ଦକ୍ଷତା ପାଇଁ ସମସ୍ତଙ୍କର ପ୍ରିୟପାତ୍ର ହୋଇଥିବା ସହିତ ରୋଟାରୀ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ବିଷୟରେ ଆଲୋଚନା କରିବା ସହିତ ଫାଷ୍ଟ ଲେଡି ରୋ.ସାୟନ୍ତା ସୌର ମାଳିନୀ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ଓଡ଼ିଶାର କୋଣ ଅନୁକୋଣରୁ ଯଥା ବ୍ରହ୍ମପୁର ଠାରୁ ଜଳେଶ୍ୱର ଓ ରାଇବଣିଆ ପର୍ଯ୍ୟନ୍ତ ବିଭିନ୍ନ ପ୍ରାୟ ୮୫ ଗୋଟି କ୍ଲବ ରୁ ସଦସ୍ୟ ଓ ଭଦ୍ରକ ଜିଲ୍ଲାର ଲୟନ୍ସ କ୍ଲବ୍,ବସ ସିଣ୍ଡିକେଟ ସମେତ ଅଗ୍ରଣୀ ସମସ୍ତ ସାମାଜିକ ଅନୁଷ୍ଠାନ ତଥା ସଂଗଠନ ଓ ବୁଦ୍ଧିଜୀବୀ ଗଣ ଉପସ୍ଥିତ ରହି ଉଭୟ ରୋ ଇନ୍ଦ୍ରଜିତ ସାହୁ ଓ ରୋ ସାୟନ୍ତା ସୌର ମାଳିନୀ ସାହୁ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ।ସର୍ବମୋଟ ୩୬୦ ଜଣରୁ ଉର୍ଦ୍ଧ୍ୱ ରୋଟାରିଆନ ଓ ଶୁଭେଚ୍ଛୁ ଜନସାଧାରଣ ଏହି ସଭାରେ ଉପସ୍ଥିତ ଥିଲେ।ଶେଷରେ କ୍ଲବ୍ ପ୍ରତିଷ୍ଠା ଦିବସ ଉପଲକ୍ଷେ ଛେନାପୋଡ଼ କଟାଯାଇ ଉତ୍ସବ ପାଳନ କରାଯାଇଥିଲା।ଶେଷରେ ଫେଲୋସିପ ମଧ୍ୟାହ୍ନ ଭୋଜନ କରାଯାଇ ସଭା ସମାପ୍ତ କରାଯାଇଥିଲା।ଏହି କାର୍ଯ୍ୟକ୍ରମ କୁ ରୋ.ବସନ୍ତ ପାଣିଗ୍ରାହୀ ,ମଙ୍ଗିଲାଲ ବଳଦେବା, ପ୍ରମୋଦ ଜେନା, ଉମାକାନ୍ତ ଜେନା,ପ୍ରଣବ କୁମାର ସାହୁ, ବାଦଲ ମହାପାତ୍ର, ସୈଳେନ୍ଦ୍ର ପାଢ଼ୀ,ଭାସ୍କର ପାଢ଼ୀ,ଗୟାଧର ପଣ୍ଡା,ବୈରାଗୀ ଧଳ,ଶଶିଶେଖର କରଶର୍ମା, ସୀତାକାନ୍ତ ଦାସ, କମଳାକାନ୍ତ ବେହେରା,ନାସିର ବକ୍ସ,ପୂର୍ଣ୍ଣ ଚନ୍ଦ୍ର ସାହୁ,ବିଜୟ ସାହୁ,ଶାନ୍ତି ସ୍ୱରୂପ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ବିଲାଣି ଖଣିର ନିଜସ୍ୱ ବିଦ୍ୟାଳୟ ଡିଏଭି ବିଲାଣି ସ୍କୁଲର ହସ୍ତାନ୍ତର ଉତ୍ସବ

## ଦୁଃସ୍ଥିତିରେ ଚାଲୁଥିଲା ବିଦ୍ୟାଳୟ, ବିଦ୍ୟାଳୟରେ ଥିଲା ଶିକ୍ଷକ ଅଭାବ

ଯୋଡ଼ା,୧୦/୪(ନି।ପ୍ର): ବିଲାଣି ଖଣିର ନିଜସ୍ୱ ଦାଇତ୍ୱ ଓ ପରିଚାଳନାରେ ପରିଚାଳିତ ବିଦ୍ୟାଳୟ, ଡିଏଭି ବିଲାଣି ସ୍କୁଲ ଶେଷରେ ଡିଏଭି କଲେଜ ଟ୍ରଷ୍ଟ ଓ ମେନେଜମେଣ୍ଟ, ନୂଆ ଦିଲ୍ଲୀକୁ ହସ୍ତାନ୍ତର କରାଯାଇଛି । ପୂର୍ବରୁ ଏ ନେଇ ବିଲାଣି ଖଣି ଓ ଡିଏଭି ପରିଚାଳନା ଟ୍ରଷ୍ଟ ସହିତ ଏକ ସ୍ୱାକ୍ଷରିତ ପତ୍ର ସ୍ୱାକ୍ଷର ହୋଇଥିବା ବେଳେ ବୁଧବାର ବିଧିବଦ୍ଧ ଭାବରେ ହସ୍ତାନ୍ତର କରାଯାଇଛି । ପ୍ରକାଶ ଥାଉକି ଉକ୍ତ ବିଦ୍ୟାଳୟଟି ବିଲାଣି ଖଣି ଦ୍ୱାରା ୧୯୭୨ ମସିହାରେ ସ୍ଥାପିତ ହୋଇଥିବା ବେଳେ ଏଠାରେ ଉଭୟ ହିନ୍ଦୀ ଓ ଓଡ଼ିଆ ମାଧ୍ୟମରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଲାଣି ଖଣି ଦ୍ୱାରା ପରିଚାଳିତ ହୋଇଆସୁଥିଲା । ତେବେ କାଳକ୍ରମେ ବିଦ୍ୟାଳୟରେ ଥିବା ସ୍ଥାୟୀ ଶିକ୍ଷକ ଶିକ୍ଷୟତ୍ରୀ ଅବସର ଗ୍ରହଣ କରିଥିବା ବେଳେ ସେଲ୍ ବିଲାଣି ଖଣି କର୍ତ୍ତୃପକ୍ଷ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟତ୍ରୀ ନିଯୁକ୍ତି ବନ୍ଦ କରିଦେଇଥିଲା । ଫଳରେ ଶିକ୍ଷାଦାନ ପ୍ରକ୍ରିୟା ଭୁଶୁଡି ପଡିଥିଲା ଓ ବିଦ୍ୟାଳୟ ସମ୍ପୂର୍ଣ୍ଣ ଦୁଃସ୍ଥିତି ଅବସ୍ଥାରେ ପହଞ୍ଚିଥିଲା । ପରେ ୨୦୧୪ ମସିହାରେ ଆରପିଡିଏସି ବୈଠକରେ ବିଲାଣି ବିକାଶ ପରିଷଦ ଓ ବସୁନ୍ଧରା ବିଦ୍ୟାଳୟର ଦୁଃସ୍ଥିତି ସମ୍ପର୍କରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପରେ ଖଣି କର୍ତ୍ତୃପକ୍ଷ ଠିକା ଆଧାରରେ କିଛି ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ନିଯୁକ୍ତି ଦେଇଥିଲେ । ତେବେ ତାହା ଆଶ୍ୟକତା ଠାରୁ ଅନେକ କମ ରହିଥିଲା । ସ୍ଥିତି ଏପରି ଥିଲା ଯେ ପ୍ରାଥମିକ ଶ୍ରେଣୀରେ ୨୫୦ ବିଦ୍ୟାର୍ଥିରେ ମାତ୍ର ଜଣେ ଶିକ୍ଷକ ରହିଥିଲେ । ଏ ନେଇ ବଲାଣି ବିକାଶ ପରିଷଦ, ବସୁନ୍ଧରା ବ୍ୟତୀତ ଖଣିର ବିଭିନ୍ନ ଶ୍ରମିକ ସଂଗଠନ ଓ ରାଜନୈତିକ ସ୍ତରରେ ଏ ନେଇ ଦାବି ବୃଦ୍ଧି ପାଇବା ସହିତ ବସୁନ୍ଧରାର ନିର୍ଦ୍ଦେଶକ ବିବେକାନନ୍ଦ ନନ୍ଦ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସମେତ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନରେ ବସିବାକୁ ଚେତାବନୀ ଦେଇଥିଲେ । ତେବେ ପରେ ଖଣି କର୍ତ୍ତୃପକ୍ଷ କୌଣସି ତୃତୀୟ ପକ୍ଷକୁ ବିଦ୍ୟାଳୟ ପରିଚାଳନା କରିବାକୁ ନିଷ୍ପତ୍ତି ନେଇଥିଲେ । ଆଜି ଏ ନେଇ ଡିଏଭି ବିଲାଣି ସ୍କୁଲରେ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଡିଏଭି ରୀତିନୀତିରେ ହସ୍ତାନ୍ତର ଓ ଉଦ୍ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକ ଜୟଦେବ ଚଟ୍ଟୋପାଧ୍ୟାୟ ଓ ଇସ୍ପାତ ମହିଳା ସମାଜର ଅଧ୍ୟକ୍ଷା କାକୋଳି ଚଟ୍ଟୋପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ଏହି ହସ୍ତାନ୍ତର ପ୍ରକ୍ରିୟାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବିଲାଣି ଖଣିର କାର୍ମିକ ଓ ପ୍ରସାନିକ ବିଭାଗର ମହାପ୍ରବନ୍ଧକ ସମେତ ବାଲାଗୋଡା ପଞ୍ଚାୟତର ସରପଞ୍ଚ ଗୌରୀ ଖୁଣ୍ଟିଆ ତଥା ଖଣିର ବିଭିନ୍ନ ବିଭାଗର ମୁଖ୍ୟ ଯୋଗ ଦେଇଥିଲେ । ଅନ୍ୟ ପକ୍ଷରେ ଡିଏଭି ପକ୍ଷରୁ ଓଡିଶା ଜୋନ -୨ ର ଆଞ୍ଚଳିକ ଅଧିକାରୀ ଏଲ ଏନ ପ୍ରଧାନ, ଜୋନ-ଜିର ସହ ଆଞ୍ଚଳିକ ଅଧିକାରୀ ଜ୍ୟୋତି ମିଶ୍ର ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ଡିଏଭି ପବ୍ଲିକ ସ୍କୁଲର ଅଧ୍ୟକ୍ଷା ଓ ଅଧ୍ୟକ୍ଷ ଉପସ୍ଥିତ ଥିଲେ । ଡିଏଭି ପବ୍ଲିକ ସ୍କୁଲ, ବିଲାଣି ର ଅଧ୍ୟକ୍ଷା ତଥା ଡିଏଭି ବିଲାଣି ସ୍କୁଲର କାର୍ଯ୍ୟକାରୀ ଅଧ୍ୟକ୍ଷା ଜୟଶ୍ରୀ ମହାପତ୍ର ଏହି କାର୍ଯ୍ୟକ୍ରମକୁ ପ୍ରତ୍ୟେକ୍ଷ ଭାବରେ ତତ୍ତ୍ୱାବଧାନ କରିଥିବା ବେଳେ ଦୁଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଓଡ଼ିଆ ପକ୍ଷ ନେଇ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ

ମାଲକାନଗିରି,୧୦/୪(ନି।ପ୍ର): ଓଡ଼ିଆ ପକ୍ଷ-୨୦୨୫ ପାଳନ ଅବସରରେ ଦଶମ ଦିନ ଅର୍ଥାତ ଏପ୍ରିଲ ୧୦ ତାରିଖକୁ ଲୋକକଳା ପାଇଁ ଦିନଟିଏ ଭାବରେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ଓ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମାଲକାନଗିରି ଜିଲ୍ଲାର କଳାଗ୍ରାମ ବୀରଲକ୍ଷ୍ମଣପୁର ଠାରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ଏହି ଅବସରରେ କହିଛନ୍ତି ଯେ ଏହି ଦିନ ଆମ ବିସ୍ମୃତ ଲୋକକଳାକୁ ପୁନଃ ବିଶ୍ୱ ବିଦିତ କରିବା ପାଇଁ ସଚେତନତା ସୃଷ୍ଟି କରିବା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଓଡ଼ିଶାର ଲୋକକଳା ଏବଂ ଲୋକସଂସ୍କୃତିକୁ ବଜାୟ ରଖିବା ପାଇଁ ଆଜିର ଦିନଟିକୁ ଲୋକକଳା ପାଇଁ ଦିନଟିଏ ଭାବରେ ପାଳନ କରାଯାଉଛି । ସମସ୍ତେ ଏକତ୍ରିତ ହୋଇ ଆମ ପରମ୍ପରା, ଆମ ସଂସ୍କୃତି ଓ ଆମ ଲୋକକଳା ପାଇଁ ଏହି ଦିନଟିକୁ ଉତ୍ସର୍ଗ କରିବା ଉଚିତ୍ ବୋଲି ଉପ ଜିଲ୍ଲାପାଳ ଶ୍ରୀ ଭୋଇ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ପାରମ୍ପରିକ ବାଦ୍ୟ ଯନ୍ତ୍ର ବଜାଇ କଳାକାର ମାନେ ଲୋକ ନୃତ୍ୟ ଢେମସା ପରିବେଷଣ କରିଥିଲେ। ଜିଲ୍ଲାର ବରିଷ୍ଠ ଲୋକ କଳାକାରଙ୍କୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏଠାରେ ସମ୍ବର୍ଦ୍ଧନା କରାଯାଇଛି। ରାଜ୍ୟ ସରକାରଙ୍କ ଏହି ଅଭିନବ ପଦକ୍ଷେପ କଳାକାରମାନଙ୍କୁ ଉତ୍ସାହିତ କରିବା ସହ କଳାର ପ୍ରଚାର ପ୍ରସାର ପାଇଁ ଅଧିକ ପ୍ରେରଣା ଯୋଗାଇଛି ବୋଲି ବରିଷ୍ଠ କଳାକାର ମାନେ ମତ ରଖିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

# ପ୍ରଖର ଖରା ଯୋଗୁଁ କମିଲା ସମୟ ସୀମା: ସ୍କୁଲରେ ସାଢ଼େ ୧୦ଟା ଯାଏ ରହିବେ ଶିକ୍ଷକ

ଖୋର୍ଦ୍ଧା,୧୦/୪(ନି।ପ୍ର): ଖୋର୍ଦ୍ଧା ଜିଲ୍ଲାରେ ଥିବା ସମସ୍ତ ସ୍କୁଲରେ ଶିକ୍ଷକମାନେ ଏଣିକି ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ଯାଏ ରହିବେ। ଆଗରୁ ସ୍କୁଲରେ ସାଢ଼େ ୧୨ଟା ଯାଏ ରହିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ପକ୍ଷରୁ ଚିଠି ହୋଇଥିଲା। ତେବେ ଏହାକୁ ବିରୋଧ କରି ଶିକ୍ଷକମାନେ ସମୟ ସୀମା କମାଇବାକୁ ଦାବି କରିଥିଲେ। ତେବେ ଶିକ୍ଷକମାନଙ୍କ ଦାବିକୁ ବିଚାର କରଯାଇ ଡିଇଓଙ୍କ ପକ୍ଷରୁ ଶିକ୍ଷକଙ୍କ କାର୍ଯ୍ୟ ସମୟକୁ ହ୍ରାସ କରାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସକାଳୁଆ ସ୍କୁଲ ଆରମ୍ଭ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ସମୟ ଯାଏ ନିର୍ଦ୍ଧାରିତ କରାଯାଇଛି। ତେବେ ଖୋର୍ଦ୍ଧା ଡିଇଓଙ୍କ ପକ୍ଷରୁ ସ୍କୁଲରେ ପିଲାଙ୍କ ସମୟ ସାଢ଼େ ୧୦ଟା ଯାଏ ରହିଥିବା ବେଳେ ଅନ୍ୟ ଅଫିସିଆଲ୍ କାର୍ଯ୍ୟ ପାଇଁ ସାଢ଼େ ୧୨ଟା ଯାଏ ଶିକ୍ଷକମାନେ ସ୍କୁଲରେ ରହିବାକୁ ଚିଠି କରିଥିଲେ । ହେଲେ ଖରାର ପ୍ରଖର ତାତି ଯୋଗୁ ଶିକ୍ଷକମାନଙ୍କ ସହିତ ଅଫିସିଆଲ କର୍ମଚାରୀଙ୍କ କାର୍ଯ୍ୟ ସମୟ ସାଢ଼େ ୧୦ଟାକୁ ହ୍ରାସ କରିବାକୁ ଦାବି କରିଥିଲେ । ଏହାକୁ ଦୃଷ୍ଟରେ ରଖି ଡିଇଓଙ୍କ ପକ୍ଷରୁ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଚିଠି କରାଯାଇଛି।

# ବାବା ନିଖିରେଶ୍ୱର ଚଡ଼କ ମେଳାର ପଞ୍ଚମ ଅର୍ଘ୍ୟ, କାମିନା ବିବାହ ନୀତି ସମ୍ପନ୍ନ

## କାମିନା ଠାକୁରାଣୀଙ୍କୁ ବିବାହ କରି ବିରାଟ ପଟୁଆରରେ ଆସିଲେ ବାବା ନିଖିରେଶ୍ୱର



ବାଲିଆପାଳ, ୧୦/୪ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବ୍ଲକର ନିଖିରା ଗ୍ରାମରେ ଅବସ୍ଥିତ ସ୍ୱୟମ୍ଭୁ ବାବା ନିଖିରେଶ୍ୱରଙ୍କ ଚଡ଼କ ପର୍ବ ୧ ତାରିଖ ଠାରୁ ଆରମ୍ଭ ହୋଇଥିବା ବେଳେ ପ୍ରସିଦ୍ଧ ବାବା ନିଖିରେଶ୍ୱର ପୀଠ ଏବେ ଶିବମୟ ହୋଇଉଠିଛି। ବୁଧବାର, ଚଡ଼କ ଯାତ୍ରାର ପଞ୍ଚମ ଅର୍ଘ୍ୟ ଦିବସରେ ଶିବ-କାମିନୀ ବିବାହ ଉତ୍ସବ ଖୁବ ଧୂମଧାମରେ ପାଳିତ ହୋଇଛି । ଏହି ଶୋଭାଯାତ୍ରାରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । କାମିନା ଠାକୁରାଣୀଙ୍କୁ ବିବାହ କରି ବିରାଟ ପଟୁଆରରେ ଆସିଥିଲେ ବାବା ନିଖିରେଶ୍ୱର। ନିଖିରେଶ୍ୱର ଚଡ଼କ ମେଳାର ପଞ୍ଚମ ଅର୍ଘ୍ୟ ସହିତ କାମିନା ବିବାହ ଉତ୍ସବ ସମସ୍ତ ନୀତି ସମ୍ପନ୍ନ ହୋଇଛି । ଦୂର ଦୂରାନ୍ତରୁ ବହୁ ମାନସିକ ଧାରୀ ଶ୍ରଦ୍ଧାଳୁ ଭକ୍ତ ଉପବୀତ ଧାରଣ କରିଥିଲେ । ମଙ୍ଗଳବାର କାମିନୀ ଘଟକୁ ବିଧି ଅନୁଯାୟୀ ତାପୁଣ୍ଡିଆ ଗ୍ରାମର କୁମ୍ଭାର ଘରୁ ଅଣାଯିବା ପରେ ଅପରାହ୍ନରେ ପୂର୍ଣ୍ଣତୋୟା ସୁବର୍ଣ୍ଣ ରେଖା ନଦୀର ଗୁଆପଡା ନଦୀ ଘାଟରୁ କାମିନୀ ଘଟ ଉତ୍ତୋଳନ ହେବାପରେ ବିଶାଳ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଜାମଳା ଗ୍ରାମକୁ ଅଣାଯାଇଥିଲା। ମଧ୍ୟରାତ୍ରୀରେ ହାକାଣ୍ଡ ଘାଟରୁ ନିଶାଘଟ ଘଟଉତ୍ତୋଳନ କରାଯାଇ ମନ୍ଦିରକୁ ଅଣାଯାଇଥିଲା। ବାବା ନିଖିରେଶ୍ୱର ଚଡ଼କ ମେଳା କମିଟିର ସମସ୍ତ ସଦସ୍ୟ, ଜାମଳା (ଘଟୁଆଳ)ଦେ ଘର ପରିବାର ସଦସ୍ୟ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ । ଆଗକୁ ନୀଳ ଓ ପାଟ ଉତ୍ସବରେ ଆହୁରି ବହୁ ଭକ୍ତଙ୍କ ସମାଗମ ହେବାକୁ ଯାଉଥିବାରୁ ଚଡ଼କ ମେଳା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା କମିଟି ପକ୍ଷରୁ କହିଛନ୍ତି ।

# ସିମୁଳିଆ ଠାରେ ୭୮ତମ ଲକ୍ଷ୍ମୀନାରାୟଣ ପୂଜା ଓ ମହାଯଜ୍ଞ ଉଦ୍‌ଯାପିତ



ନୀଳଗିରି, ୧୦/୪ (ନି.ପ୍ର): ନୀଳଗିରି ଏନ୍‌ଏସି ଅନ୍ତର୍ଗତ ୯ନମ୍ବର ୱାର୍ଡ ସିମୁଳିଆ ଗ୍ରାମରେ ୭୮ତମ ଲକ୍ଷ୍ମୀ ନାରାୟଣ ପୂଜା ଓ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି। ସାତଦିନ ବ୍ୟାପି ଆୟୋଜିତ ଏହି ପୂଜା ଓ ମହାଯଜ୍ଞ କାର୍ଯ୍ୟକ୍ରମରେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୯୪୭ମସିହାରୁ ଏହି ପୂଜା ଆରମ୍ଭ ହୋଇଥିଲା ବେଳେ ବିଶେଷକରି ମରୁଡି ସମୟରେ ଗ୍ରାମର ପୁର୍ବଜମାନେ ଏହି ପୂଜା ସହ ଯଜ୍ଞ ଆରମ୍ଭ କରିବାରୁ ପ୍ରବଳ ବର୍ଷା ହୋଇଥିଲା ବୋଲି ବିଶ୍ୱାସ ରହିଛି । ସେବେଠାରୁ ଆଜି ପର୍ଯ୍ୟନ୍ତ ଗ୍ରାମର ସମସ୍ତ ଅଧିବାସୀ ଏହି ପୂଜାରେ ସହଯୋଗ କରି ଆସୁଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଲକ୍ଷ୍ମୀ, ନାରାୟଣ ଓ ସରସ୍ୱତୀଙ୍କ ମୃଣ୍ମୟ ମୂର୍ତ୍ତୀ ନିର୍ମାଣ କରାଯାଇ ସାତଦିନ ଧରି ରୀତିନୀତି ଅନୁଯାୟୀ ପୂଜା କରାଯାଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଆଖପାଖ ଅଞ୍ଚଳରୁ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ବେଳେ ପ୍ରତି ପରିବାର ସାତଦିନ ଧରି ଘରେ ଆମିଷ ନିଷେଧ କରିଥାନ୍ତି। ଗ୍ରାମର ରବିନ୍ଦ୍ର ମହଲ, ସୁଦର୍ଶନ ଦଳାଇ, କମଳାକାନ୍ତ ବେହେରା, ଭଗବାନ ମହଲ,ସୁଦର୍ଶନ ମହାନ୍ତି, ଦୀପକ ଗୋଛାୟତ, ଗୌରହରି ମହଲ, ବ୍ରହ୍ମାନନ୍ଦ ମହଲ, ହେମନ୍ତ ବେହେରା, କରୁଣାକର ବେହେରା, ଚଚିନ୍ଦ୍ର ମହଲ, ରାମଚନ୍ଦ୍ର ମହଲ,ପ୍ରଫୁଲ୍ଲ ଦଳାଇ, ଶିବ ନାରାୟଣ ଷଡ଼ଙ୍ଗୀ, ରାଜେନ୍ଦ୍ର ମହଲ ପ୍ରମୁଖ ସହଯୋଗ କରିଥିବା ବେଳେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଓମ୍ପା କର୍ମକର୍ତ୍ତା ନିର୍ବାଚନ ଫଳାଫଳ : ଶ୍ରୀକାନ୍ତ ସଭାପତି, ଅରବିନ୍ଦ ସାଧାରଣ ସମ୍ପାଦକ



ପାରାଦୀପ, ୧୦/୪ (ନି.ପ୍ର): ଓମ୍ପା (ଓଡିଶା ସାମୁଦ୍ରିକ ମତ୍ସ ଉତ୍ପାଦକ ସଙ୍ଘ)ର କର୍ମକର୍ତ୍ତା ନିର୍ବାଚନ ଫଳାଫଳ ଘୋଷଣା କରାଯାଇଛି। ସଭାପତି ଶ୍ରୀକାନ୍ତ ପରିଡାଙ୍କ ଟିମର ସମସ୍ତ ପ୍ରାର୍ଥୀଙ୍କୁ ପୁଣି ପୁନର୍ବାର ନିର୍ବାଚିତ ହୋଇଛନ୍ତି । ବୁଧବାର ସକାଳ ୮ ଟାରୁ ଅଠରବାଙ୍କୀ ଓମ୍ପା କାର୍ଯ୍ୟାଳୟ ରେ ମତଦାନ ଆରମ୍ଭ ହୋଇ ଅପରାହ୍ନ ୫ ଟାରେ ଶେଷ ହୋଇଥିଲା। ମତଦାନ ପରେ ନିର୍ବାଚନ ପରିଚାଳନା କମିଟି ପକ୍ଷରୁ ଭୋଟ ଗଣତି କାର୍ଯ୍ୟକ୍ରମ ହେବା ସହ ଫଳାଫଳ ଘୋଷଣା କରାଯାଇଥିଲା। ତେବେ ସଭାପତି ଭାବେ ଶ୍ରୀକାନ୍ତ ପରିଡା (ଲିଟୁ)ଙ୍କୁ ସର୍ବାଧିକ ୩୧୮ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦୀ ଅମରଜିତ ଜେନା (କୁନା) ଙ୍କୁ ୧୫୭ ଖଣ୍ଡ ଭୋଟ ମିଳିଛି। ସେହିପରି ଉପସଭାପତି (କ) ପାଇଁ ମାନସ ରଞ୍ଜନ ପଢିୟାରି ଙ୍କୁ ୨୭୩ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦୀ ବିଜୟ କୁମାର ମହାନ୍ତି ଙ୍କୁ ୨୦୧ ଖଣ୍ଡ ଭୋଟ ମିଳିଛି। ଉପସଭାପତି (ଖ) ପାଇଁ ପ୍ରହଲ୍ଲାଦ ବିଶ୍ୱାଳ ଙ୍କୁ ୨୬୨ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦି ସୁବାଷ ପଟ୍ଟନାୟକ ଙ୍କୁ ୨୧୦ ଖଣ୍ଡ ଭୋଟ ମିଳିଛି। ସାଧାରଣ ସମ୍ପାଦକ ପଦବୀ ପାଇଁ ଅରବିନ୍ଦ ସ୍ୱାଇଁ ଙ୍କୁ ୨୭୭ ଖଣ୍ଡ ଭୋଟ ମିଳିଥିବା ବେଳେ ରଶ୍ମି ରଞ୍ଜନ ପରିଡା ଙ୍କୁ ୧୯୬ ଖଣ୍ଡ ଭୋଟ ମିଳିଛି, ଯୁଗ୍ମ ସମ୍ପାଦକ ପାଇଁ ଚନ୍ଦ୍ର ଶେଖର ମହାନ୍ତି ଙ୍କୁ ୨୯୫ ଖଣ୍ଡ ଭୋଟ ମିଳିଥିବା ବେଳେ ବିଭୁ ପ୍ରସାଦ ଚୌଧୁରୀ ଙ୍କୁ ୧୭୭ ଖଣ୍ଡ ଭୋଟ ମିଳିଛି, ସମ୍ପାଦକ (ସାଙ୍ଗଠନିକ ଓ ସାଂସ୍କୃତିକ) ପଦବୀ ପାଇଁ ବସନ୍ତ କୁମାର ମହାନ୍ତି ଙ୍କୁ ୨୯୦ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦି ଶିବ ପ୍ରସାଦ ବିଶ୍ୱାଳ ଙ୍କୁ ୧୮୨ ଖଣ୍ଡ ଭୋଟ ମିଳିଛି, ସହ ସମ୍ପାଦକ (କ) ପଦବୀ ପାଇଁ ସରୋଜ ଦ୍ୱାଇତେଇ ଙ୍କୁ ୨୭୫ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦି ବିଶ୍ୱଜିତ ସ୍ୱାଇଁ ଙ୍କୁ ୧୯୭ ଖଣ୍ଡ ଭୋଟ ମିଳିଛି, ସହ ସମ୍ପାଦକ (ଖ) ପାଇଁ ନିରଞ୍ଜନ ବେହେରା ଙ୍କୁ ୨୭୪ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦି ଦୀପକ କରଣ ଙ୍କୁ ୧୯୯ ଖଣ୍ଡ ଭୋଟ ମିଳିଛି, କୋଷାଧକ୍ଷ ପାଇଁ ପୁରନ୍ଦର ବିଶ୍ୱାଳ ଙ୍କୁ ୨୬୬ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦି ସରୋଜ କୁମାର ପ୍ରଧାନ ଙ୍କୁ ୨୦୯ ଖଣ୍ଡ ଭୋଟ ମିଳିଛି। କେଶବ ଚନ୍ଦ୍ର ସେନାପତି, ବୈକୁଣ୍ଠ ନାରାୟଣ ଦାସ, ଆଦିକନ୍ଦ ମହାନ୍ତି, ସୁରେନ୍ଦ୍ର କୁମାର ବାରିକ, ନିରଞ୍ଜନ ଖଟୁଆ ଓ ବେଣୁଧର ନାୟକ ପ୍ରମୁଖ ଉପଦେଷ୍ଟା କମିଟି ପାଇଁ ମନୋନୀତ ହୋବା ନେଇ ଓମ୍ପାର ବିର୍ବାଚନ ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି।

# ଓଡ଼ିଆ ପକ୍ଷ ପାଳନର ଦଶମ ଦିବସରେ ଗୁଡୁଦା ଲୋକକଳା ଗ୍ରାମରେ 'ଲୋକକଳା ପାଇଁ ଦିନଟିଏ' ଉତ୍ସବ ପାଳିତ

ବାଲେଶ୍ୱର, ୧୦/୪ (ନି.ପ୍ର): ଓଡ଼ିଆ ପକ୍ଷ ପାଳନର ଦଶମ ଦିବସ ଉପଲକ୍ଷେ ଆଜି ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକସ୍ଥିତ ଗୁଡୁଦା ଲୋକକଳା ଗ୍ରାମର ଗୁଡୁଦାପାଟଣା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ 'ଲୋକକଳା ପାଇଁ ଦିନଟିଏ' ଉତ୍ସବ ମହା ଆଡମ୍ବର ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଓଡ଼ିଶାର ସମୃଦ୍ଧ ଲୋକକଳା ଓ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ ଏବଂ ପ୍ରଚାର କରିବା ସହିତ ଆଗାମୀ ପିଢ଼ିଙ୍କୁ ଏହା ସହିତ ଯୋଡ଼ିବାର ଲକ୍ଷ୍ୟ ନେଇ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ସାଂସଦ, ବାଲେଶ୍ୱର ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଥିଲେ କି ଆମ ଲୋକକଳା ହେଉଛି ଆମର ପରିଚୟ ଓ ଗର୍ବର ପ୍ରତୀକ। ଏହାକୁ ଜୀବନ୍ତ ରଖିବା ପାଇଁ ଆମେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଆବଶ୍ୟକ। ଆଜିର ଏହି ଉତ୍ସବ ଯୁବକମାନଙ୍କୁ ଏହି କଳା ସହିତ ସଂଯୋଗ କରାଇବାର ଏକ ସୁନ୍ଦର ପ୍ରୟାସ। ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଶାସକ ଦଳର ଉପମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ମତ ଦେଇ ଦେଇଥିଲେ ଯେ ଗୁଡୁଦା ଗ୍ରାମରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଲୋକକଳାର ସମୃଦ୍ଧିକୁ ଆଗାମୀ ଦିନରେ ଆହୁରି ଆଗକୁ ପହଞ୍ଚାଇବ। ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ଅଧକ୍ଷ ଜିଲ୍ଲା ପରିଷଦ ଶ୍ରୀ ନାରାୟଣ ପ୍ରଧାନ, ମାନ୍ୟବର ବ୍ଲକ ଅଧକ୍ଷ ରେମୁଣା ଶ୍ରୀ ରାଜେନ୍ଦ୍ର କୁମାର ରାଉତ, ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ, ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ଜାନକୀ ଦାସ, ସମିତି ସଭ୍ୟା ଶ୍ରୀମତୀ ସୁଷମା ପ୍ରଧାନ, ବାଲେଶ୍ୱର ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ଶ୍ରୀ ଚକ୍ରଧର ମହାପାତ୍ର, ରେମୁଣା ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ଶ୍ରୀ ଦୀନବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ ଓ

ଉତ୍ସବରେ ବିଶିଷ୍ଟ ଲୋକକଳାକାର ଶ୍ରୀ ପ୍ରାଣକୃଷ୍ଣ ବାରିକ (ମୃଦଂଗବାଦକ) ଓ ଶ୍ରୀ ଗୌରାଙ୍ଗ ଚରଣ ଦାସ (ସଂକୀର୍ତ୍ତନ ଗୁରୁ) ଙ୍କୁ ସମ୍ମାନିତ କରାଯାଇ ସେମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଏହା ସହିତ ପ୍ରମୁଖ ଲୋକକଳା ଯଥା ନୃତ୍ୟ, ସଙ୍ଗୀତ ଓ ପାରମ୍ପରିକ କଳାର ଆକର୍ଷଣୀୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବ ପିଢ଼ିଙ୍କୁ ଲୋକକଳା ପ୍ରତି ଆଗ୍ରହୀ କରାଇବା ଏବଂ ଏହାର ସଂରକ୍ଷଣ ଓ ପ୍ରସାର ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା।

ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ମଂଚ ପରିଚାଳନା କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ଓ କଳାକାରମାନେ ଉପସ୍ଥିତ ଥିଲେ।


## ନିଯୁକ୍ତି ବିଜ୍ଞାପନ

**BASUDEV SANSKRIT MAHAVIDYALAYA**
**AT/PO- TOTAPADA, VIA- ANLA**
**DIST- MAYURBHANJ, PIN- 757056**

ବିଜ୍ଞାପନ ସଂଖ୍ୟା - ୬୮୪ dt- 09.04.2025

ଅଧକ୍ଷ/ସମ୍ପାଦକ ବାସୁଦେବ ସଂସ୍କୃତ ମହାବିଦ୍ୟାଳୟ, ତୋଟାପଡ଼ା, ଭାୟା-ଅଁଳା, ଜିଲ୍ଲା- ମୟୂରଭଞ୍ଜ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପତ୍ର ସଂଖ୍ୟା CSU/36010/ Odisha/ MISC/ S-11/2024-25/73 dated. 08.04.2025 ଅନୁଯାୟୀ ନିମ୍ନଲିଖିତ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରୁଛନ୍ତି ।

| କ୍ରମିକ ନଂ | ପଦବୀ | ପଦବୀ ସଂଖ୍ୟା | ଶିକ୍ଷାଗତ ଯୋଗ୍ୟତା |
|---|---|---|---|
| ୧. | ଅଧ୍ୟାପକ/ ଅଧ୍ୟାପିକା ଦର୍ଶନ (ଅଦ୍ୱୈତ ବେଦାନ୍ତ) | ୧ | ବେଦାନ୍ତ ଚାର୍ଯ୍ୟ |

ଇଚ୍ଛୁକ ପ୍ରାର୍ଥୀମାନେ ଶିକ୍ଷାଗତ ଯୋଗ୍ୟତା, ପ୍ରମାଣପତ୍ର ସହ ତା- ୨୧.୦୪.୨୦୨୫ରିଖ ପୂର୍ବରୁ ଆବେଦନ କରିବା ଆବଶ୍ୟକ । ସାକ୍ଷାତକାର ସମୟରେ ଶିକ୍ଷାଗତ ଯୋଗ୍ୟତାର ମୂଳ ପ୍ରମାଣପତ୍ର ସହ ଉପସ୍ଥିତ ରହିବା ବିଧେୟ । ଅନୁଷ୍ଠାନ କୌଣସି ଗସ୍ତ ଖର୍ଚ୍ଚ ବହନ କରିବ ନାହିଁ ।

ଅଧକ୍ଷ/ ସମ୍ପାଦକ
ଅରୁଣ କୁମାର ମହାପାତ୍ର
ବାସୁଦେବ ସଂସ୍କୃତ ମହାବିଦ୍ୟାଳୟ
ତୋଟାପଡ଼ା, ମୟୂରଭଞ୍ଜ


## ଉପଖଣ୍ଡ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବାର ବ୍ୟବସ୍ଥାଗତ ସୁଧାର ନେଇ ଆସନ୍ତା ୧୫ରେ ଗଣଧାରଣା

ନୀଳଗିରି , ୧୦/୪ (ନି.ପ୍ର): ନୀଳଗିରି ଉପଖଣ୍ଡ ଏକ ଆଦିବାସୀ ଅଧୁଷିତ ଅଞ୍ଚଳ। ଏଠାକାର ପ୍ରାୟ ୮୦ପ୍ରତିଶତ ଅଧିବାସୀ ଜଙ୍ଗଲ ପାହାଡ ଘେରା ଅଞ୍ଚଳରେ ବସବାସ କରନ୍ତି। ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଇଁ ଜରୁରୀ ହୋଇଥିବା ବେଳେ ଦରିଦ୍ର, ଅଜ୍ଞ ଜନଜାତି ଶ୍ରେଣୀର ରୋଗୀମାନେ ନିକଟସ୍ଥ ଉପଖଣ୍ଡ ଚିକିତ୍ସାଳୟ ଉପରେ ନିର୍ଭରକରୁଥିଲେ ହେଁ ସଠିକ୍ ସ୍ୱାସ୍ଥ୍ୟସେବା ନପାଇବା ଫଳରେ ଅର୍ଥାଭାବ ଯୋଗୁଁ ଅକାଳରେ ମୃତ୍ୟୁବରଣ କରି ସେମାନଙ୍କର ଜୀବନ ହରାଉଛନ୍ତି। ଏନେଇ ବାରମ୍ବାର ସରକାରଙ୍କ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଅଧିକାରୀଙ୍କ ସମ୍ବେଦନହୀନ ଓ ଅସୂୟା ମନୋଭାବ ପାଇଁ ସମସ୍ୟାର ସମାଧାନ ହୋଇପାରିନାହିଁ। ତେଣୁ ଜନଜାତି ଓ ସାଧାରଣଜନତାଙ୍କ ସ୍ୱାସ୍ଥ୍ୟସୁରକ୍ଷା ନେଇ ଜିଲ୍ଲା ଜନଜାତି ସୁରକ୍ଷାମଞ୍ଚ ବାଲେଶ୍ୱର ତରଫରୁ ଆସନ୍ତା ୧୫ତାରିଖ ସକାଳ ୧୦ଟା ସମୟଠାରୁ ଅନିର୍ଦ୍ଦିଷ୍ଟ ପର୍ଯ୍ୟନ୍ତ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ପ୍ରତିବାଦସଭା ଓ ଗଣଧାରଣା ଦିଆଯିବ ବୋଲି ବାଲେଶ୍ୱର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ନେଇ ମଞ୍ଚର ଜିଲ୍ଲାସଂଯୋଜକ ସୁକୁମାର ନାୟକ ଏକ ପ୍ରେସବିବୃତିରେ ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଭାରତରେ ପହଞ୍ଚିଲା...

ତଦନ୍ତ ଜାରି ରଖିଛି କ୍ରାଇମବ୍ରାଞ୍ଚ ଏସଟିଏଫ ଏହି ଜାଲ ନୋଟ୍ ରାକେଟର ଆନ୍ତଃରାଜ୍ୟ ଲିଙ୍କ୍ ନେଇ ଅଧିକ ଖୋଳତାଡ଼ ଚାଲିଛି । ସୂଚନାଯୋଗ୍ୟ କିଛି ଦିନ ତଳେ ରାଜଧାନୀ ଭୁବନେଶ୍ୱରରେ ନକଲି ପୋଲିସ ଡିଏସପିକୁ ବାନ୍ଧିଥିଲା ଅସଲି ପୋଲିସ । ଏହି ନକଲି ପୋଲିସ ଡିଏସପିକୁ ବାନ୍ଧିଥିଲା ସହିଦ ନଗର ଥାନା ପୋଲିସ । ନକଲି ଡିଏସପିର ନାଁ ମାନସ ରଞ୍ଜନ ସେନାପତି । ସେ ଭୁବନେଶ୍ୱରରେ ଖାରବେଳନଗର ଥାନା ଅଂଚଳରେ ଥିବା ମଧୁସୂଦନ ନଗରରେ ରହୁଥିଲା । ନକଲି ପରିଚୟ ପତ୍ର ଦେଖାଇ ଲୋକଙ୍କୁ ଚାକିରି ଦେବା ନାଁରେ ଠକୁଥିଲା । ତା ନିକଟରୁ ପୋଲିସ ୟୁନିଫର୍ମ, ନକଲି ଆପଏଣ୍ଟମେଣ୍ଟ ଲେଟର, ୨ ଲକ୍ଷରୁ ଅଧିକ ନକଲି ଟଙ୍କା, ନକଲି ପୋଲିସ ଆଇକାର୍ଡ,କାର, ମୋବାଇଲ ଫୋନ ଜବତ ହୋଇଥିଲା । ସେହିପରି ଜଣେ ନକଲି କନଷ୍ଟେବଲକୁ ମଧ୍ୟ ଗିରଫ କରାଯାଇଥିଲା । ତା' ର ନାଁ ଆଶିଷ ସ୍ୱାଇଁ ଓ ଘର ପିପିଲି ଅଞ୍ଚଳରେ ।ଏମାନଙ୍କୁ ସହିଦ ନଗର ଅଞ୍ଚଳରୁ ନାଇଟ ବ୍ଲକିଂ ଚେକିଂ ବେଳେ ଧରିଥିଲା ପୋଲିସ ।

### ଫୁଲ୍ ସସପେନ୍ସ : ଫେରିଲେ ...

ଏହି ସବୁ ଭିତରେ ପୁଣିଥରେ ଭିକେ ପାଣ୍ଡିଆନଙ୍କ ପାଇଁ ଆଗକୁ ଆସିଥିଲେ ନବୀନ। ପାଣ୍ଡିଆନଙ୍କୁ ଦେଇଥିଲେ କ୍ଲିନଚିଟ୍। ଏସବୁ ଘଟଣା ପରେ ଆଜି ବିଦେଶଗସ୍ତରୁ ଫେରିଛନ୍ତି ସସ୍ମିତ। ସସ୍ମିତ ଦିଲ୍ଲୀରେ ପହଞ୍ଚିବା ପରେ ଘେରିଯାଇଥିଲେ ଗଣମାଧ୍ୟମ ପ୍ରତିନିଧି। ହେଲେ ସେ କିଛି କହିବାକୁ ରୋକ୍‌ଠୋକ୍ ମନା କରିଥିଲେ। ଦଳ ଏନେଇ ସ୍ପଷ୍ଟୀକରଣ ଦେବ ବୋଲି କହି ପଳାଇଥିଲେ ସସ୍ମିତ। ତେବେ ସସ୍ମିତ ବିଦେଶ ଗସ୍ତରେ ଥିବା ସମୟରେ ସେ କହିଥିଲେ ଯେ, ବିଦେଶରୁ ଫେରିଲେ ସବୁ କହିବେ ବୋଲି। ମାତ୍ର ଏବେ ଫେରିବା ପରେ ବି କିଛି କହିନାହାନ୍ତି ସସ୍ମିତ। ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। କାହିଁକି ସସ୍ମିତ ଚୁପ୍? ରହିଲେ? କିଏ ସସ୍ମିତଙ୍କୁ ଚୁପ୍? ରହିବାକୁ କହିଲେ କି ? କାହିଁକି ସସ୍ମିତ ଦଳ ସ୍ପଷ୍ଟୀକରଣ ଦେବ ବୋଲି କହିଲେ? ତାକୁ ଏପରି କହିବାକୁ କିଏ ବାଧ କରିଛି କି? ସୁପ୍ରିମୋ ନବୀନ ମନା କରିଛନ୍ତି ନା ବିଜେଡିର ଦ୍ୱିତୀୟ କ୍ଷମତା କେନ୍ଦ୍ର କୁହାଯାଉଥିବା ପାଣ୍ଡିଆନ ମନା କରିଛନ୍ତି ? କ'ଣ ପାଇଁ ସସ୍ମିତ ଚୁପ୍ ? ତାକୁ ନେଇ ଚାଲିଛି ଚର୍ଚ୍ଚା।

### ନବୀନଙ୍କ ଆକ୍ଷେପ...

ଚିଠି ଓ ଫଟୋ ଦେଖାଇ କହିଛନ୍ତି, ନିଲମ୍ବନକୁ ନେଇ ମିଛ କହିଛନ୍ତି ନବୀନ । ୨୦୧୭ରେ ମୋ ଉପରୁ ନିଲମ୍ବନ ହଟିଥିଲା। ୨୦୧୯ରୁ ୨୦୨୪ ଯାଏଁ ଦଳ ପାଇଁ କାମ କରିଛି । ଏପରିକି ୨୦୨୪ ସଭାରେ ଦ୍ୱିତୀୟ କ୍ଷମତାକେନ୍ଦ୍ର ମିଡ୍ ନାଇଟ୍ ଅପରେସନ ରୋକିବା କଥା କହି ପ୍ରଂଶସା କରିଥିଲେ । ତେଣୁ ମୁଁ ଦଳରେ ନାହିଁ ବୋଲି କହିବା ନବୀନଙ୍କୁ ଶୋଭା ଦେଉନି ବୋଲି କହିଛନ୍ତି ପ୍ରଭାତ ତ୍ରିପାଠୀ । ୨୦୨୪ରେ ବିଜେଡି ପରାଜୟର ପୋଲ ଖୋଲିଛନ୍ତି ପ୍ରଭାତ । କହିଛନ୍ତି, ଗତ ନିର୍ବାଚନରେ ନବୀନଙ୍କୁ ଦୁଇଟି ଜାଗାରେ ଛିଡ଼ା କରି ବିଜେଡିକୁ ଅବିଶ୍ୱାସର ପାତ୍ର କରିଥିଲେ ଦ୍ୱିତୀୟ କ୍ଷମତାକେନ୍ଦ୍ର । ନବୀନ ଓଡ଼ିଶା ଛାଡିଥାନ୍ତେ, ଆଉ କ୍ଷମତାକୁ ପାଣ୍ଡିଆନଙ୍କ ହାତରେ ଟେକି ଦେଇଥାନ୍ତେ । ତେଣୁ ଓଡ଼ିଶାବାସୀ ଏହାର ଜବାବ ଦେଲେ ବୋଲି ପ୍ରଭାତ ଅଭିଯୋଗ କରିଛନ୍ତି । ପ୍ରଭାତଙ୍କ ଅଭିଯୋଗ ପରେ କୋର୍ଟ କପି ଦେଖାଇ କାଉଣ୍ଟର କରିଛି ବିଜେଡି । ନିଜର ଭୁଲ ଲୁଚାଇବାକୁ ନବୀନଙ୍କୁ ଅପବାଦକୁ ଟାଣୁଛନ୍ତି ପ୍ରଭାତ । ଆଗରୁ ପ୍ରଭାତ ଦୁଇଥର ସସପେଣ୍ଡ ହୋଇଛନ୍ତି । ତେଣୁ ସେ କେତେ ଶୃଙ୍ଖଳିତ ତାହା ଜଣାପଡୁଛି ବୋଲି କହିଛନ୍ତି ଦଳର ନେତା ଲେନିନ୍ ମହାନ୍ତି । ଆରୋପ-ପ୍ରତ୍ୟାରୋପ ଭିତରେ ପ୍ରଶ୍ନ ଉଠୁଛି, ଯଦି ପ୍ରଭାତଙ୍କ ଚିଠି ସତ, ତେବେ ମିଛ କହୁଛନ୍ତି କି ନବୀନ ? ପାଣ୍ଡିଆନ କ'ଣ ସତରେ କ୍ଷମତା ହରଣ ପାଇଁ କରିଥିଲେ ଯୋଜନା ? ସତ କହିବା ପ୍ରଭାତଙ୍କୁ ମହଙ୍ଗା ପଡ଼ିଲା କି ?

### ବାଂଲାଦେଶକୁ ମହଙ୍ଗା...

ଦେଶରୁ ଅନ୍ୟ ଏକ ଦେଶକୁ ସାମଗ୍ରୀ ପରିବହନ ପାଇଁ ତୃତୀୟ ଦେଶର ବନ୍ଦର, ବିମାନବନ୍ଦର କିମ୍ବା ପରିବହନ ମାର୍ଗର ଅସ୍ଥାୟୀ ବ୍ୟବହାର । ବାଂଲାଦେଶର ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ୍ ଚୀନରେ ଏକ ବିବାଦୀୟ ବୟାନ ଦେବାର କିଛି ଦିନ ପରେ ଏହି ପଦକ୍ଷେପ ନିଆଯାଇଛି । ଯେଉଁଥିରେ ୟୁନୁସ୍ କହିଥିଲେ, ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ସ୍ଥଳଭାଗରେ ଘେରି ରହିଛି ଏବଂ ସମୁଦ୍ରକୁ ସେମାନଙ୍କର ଏକମାତ୍ର ପ୍ରବେଶ ବାଂଲାଦେଶ ଦେଇ । ୟୁନୁସ୍ ବାଂଲାଦେଶର ପରିସ୍ଥିତିର ସୁଯୋଗ ନେବାକୁ ଚୀନକୁ ନିମନ୍ତ୍ରଣ କରିଥିଲେ । ବାସ୍ ୟୁନୁସଙ୍କ ଏହି କଥା ଭାରତରେ ନିଆଁ ଲଗେଇ ଦେଇଥିଲା । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି, ବାଂଲାଦେଶକୁ ଦିଆଯାଇଥିବା ପରିବହନ ସୁବିଧା ଯୋଗୁଁ, କିଛି ସମୟ ଧରି ଆମର ବିମାନବନ୍ଦର ଏବଂ ବନ୍ଦରଗୁଡ଼ିକରେ ବହୁତ ଭିଡ଼ ରହିଛି । ଲଜିଷ୍ଟିକ୍ସ ବିଳମ୍ବ ଏବଂ ଉଚ୍ଚ ମୂଲ୍ୟ ଆମର ନିଜସ୍ୱ ରପ୍ତାନିକୁ ବାଧା ଦେଉଛି ବୋଲି ଏମଇଏ ମୁଖପାତ୍ର କହିଛନ୍ତି । ୟୁନୁସ୍ କ୍ଷମତାରେ ଆସିବା ପରେ ଅଳ୍ପସଂଖ୍ୟକଙ୍କ ଅବସ୍ଥା ଖରାପ ,ଜାଣିଶୁଣି ସେମାନଙ୍କୁ ଟାର୍ଗେଟ କରାଯାଉଛି ଆଉ ଚୁପ୍ ବସିଛନ୍ତି ଅନ୍ତରୀଣ ସରକାରଙ୍କ ମୁଖ୍ୟ । ଭାରତର କାଉଣ୍ଟର ଆଟାକ୍ ପରେ ଏବେ ଦେଖିବାକୁ ବାକି ରହିଲା କେବେ ଚେତୁଛି ବାଂଲାଦେଶ , ନା ପାକିସ୍ତାନ ଓ ଚୀନ୍ ଶରଣରେ ପଶି ଭାରତ ବିରୋଧରେ ଆଉ କିଛି ଷଡ଼ଯନ୍ତ୍ର କରୁଛି ।

### କର୍ଣ୍ଣାଟକ ବିଜେପି ...

ଜେଡିଏସ୍ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପ୍ରତିବାଦର ଆୟୋଜନ କରିଛି । ଯାହାକୁ ନେତୃତ୍ୱ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚଡି ଦେବଗୌଡାଙ୍କ ନାତି ଓ କେନ୍ଦ୍ରମନ୍ତ୍ରୀ କୁମାରସ୍ୱାମୀଙ୍କ ପୁଅ ନିଖିଲ କୁମାରସ୍ୱାମୀ ନେଇଛନ୍ତି । କ୍ୟୁଆର କୋର୍ଡକୁ ସ୍କାନ୍ କରି ସାଧାରଣ ଜନତାଙ୍କୁ କଂଗ୍ରେସ ସରକାରଙ୍କ ବିରୋଧରେ ପ୍ରତିବାଦ କରିବାକୁ ଜେଡିଏସ୍ ଉଦ୍ୟମ ଆରମ୍ଭ କରିଛି । ଗତ ଲୋକସଭା ନିର୍ବାଚନ ସମୟରେ ଜେଡିଏସ୍ ସହ ମେଣ୍ଟ କରିବାକୁ ରାଜ୍ୟ ବିଜେପି ନେତୃବୃନ୍ଦ ଚାହୁଁନଥିଲେ । ମାତ୍ର କେନ୍ଦ୍ରୀୟ ନେତୃତ୍ୱ ଯୋଗୁଁ ବାଧ ହୋଇ ମେଣ୍ଟ କରିବାକୁ ରାଜି ହୋଇଥିଲା ଯାହା ଲୋକସଭା ନିର୍ବାଚନରେ ପ୍ରତିଫଳନ ହୋଇଥିଲା । ବିଜେପି ଓ ଜେଡିଏସ୍ ମେଣ୍ଟ ରାଜ୍ୟର ୨୮ଟି ଆସନରୁ ୧୯ ଟିରେ ଜିତିବାକୁ ସକ୍ଷମ ହୋଇଥିଲା । ତେବେ ହାତଗଣତି କିଛି କାର୍ଯ୍ୟକ୍ରମକୁ ଛାଡିଦେଲେ ଉଭୟ ଦଳଙ୍କ ଭିତରେ କୌଣସି ସମନ୍ୱୟ ଦେଖିବାକୁ ମିଳୁନି । କଂଗ୍ରେସ ସରକାରଙ୍କ ବିରୋଧରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମର ଏହାର ତାଜା ଉଦାହରଣ ।

### ହ୍ୱାଟ୍ସଆପ୍ ଚାଟିଂ ଖୋଲିବ...

ଅନ୍ୟପକ୍ଷରେ, ଯଶୋଦାଙ୍କ ଭାଇ ହରିପଦ ଦାସ ଖୁଣ୍ଟା ଥାନାରେ ତାଙ୍କ ସହକର୍ମୀ ବଳରାମ ଦାସଙ୍କ ସହ ସମ୍ପର୍କ ଖରାପ ଥିବା ଅଭିଯୋଗ କରି ଏକ ମାମଲା ରୁଜୁ କରିଛନ୍ତି। ତାଙ୍କ ଅଭିଯୋଗରେ ହରିପଦ ଦାବି କରିଛନ୍ତି ଯେ ବଳରାମ ଯଶୋଦାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଏବଂ ତାଙ୍କ ଟଙ୍କା ଲୁଟ କରିବା ପରେ ତାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ। ହରିପଦଙ୍କ ଅଭିଯୋଗ ଆଧାରରେ, ପୋଲିସ ବଳରାମଙ୍କୁ ମାରାଥନ ଜେରା କରିଥିଲା ଏବଂ ତାଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇଥିବା ଅନୁମାନ କରାଯାଉଛି। ତଥାପି, ଯଶୋଦାଙ୍କ ଜବତ ମୋବାଇଲ୍ ଫୋନ୍ ହିଁ ତାଙ୍କ ମୃତ୍ୟୁ ପଛର ପ୍ରକୃତ ରହସ୍ୟ ଉନ୍ମୋଚନ କରିବ ବୋଲି ଆଶା କରାଯାଉଛି। ଏହି ସମୟରେ, ସାମ୍ବାଦିକଙ୍କ ସହ ଆଲୋଚନା କରି, ବାଲେଶ୍ୱର ପୋଲିସ ଅଧିକ୍ଷକ (ଏସପି) ରାଜ ପ୍ରସାଦ କହିଛନ୍ତି, "ଆମେ ସମସ୍ତ ଦିଗକୁ ଗୁରୁତ୍ୱର ସହ ତଦନ୍ତ କରୁଛୁ। ତାଙ୍କ ଚିକିତ୍ସା ଇତିହାସ ହେଉ କି ବ୍ୟକ୍ତିଗତ ସମସ୍ୟା କିମ୍ବା ବୃତ୍ତିଗତ ମାମଲା, ଆମେ ସବୁକିଛି ଗମ୍ଭୀରତାର ସହ ନେଉଛୁ ଏବଂ ତଦନ୍ତ ସମାପ୍ତ ହେବା ପରେ ତାଙ୍କ ମୃତ୍ୟୁର ସଠିକ୍ କାରଣ ଜଣାପଡିବ।" ତାଙ୍କ ସହ ସମ୍ପର୍କ ରଖିଥିବା ତାଙ୍କ ସହଯୋଗୀ କନଷ୍ଟେବଲ ବଳରାମ ଦାସଙ୍କ ଭୂମିକା ବିଷୟରେ ପଚରାଯିବାରୁ, ଏସ୍ପି କହିଛନ୍ତି ଯେ ତାଙ୍କୁ ପଚରାଉଚରା କରାଯାଉଛି ଏବଂ ଏହି ମାମଲାରେ ଆହୁରି ଅନେକ ଦିଗ ରହିଛି। ଏହା ତଦନ୍ତର ଏକ ଅଂଶ, ଯାହା ଏକ ନିଷ୍କର୍ଷରେ ପହଞ୍ଚିବା ପରେ ହିଁ କୁହାଯାଇପାରିବ। ବାଲେଶ୍ୱର ଜିଲା ପୋଲିସ ମହିଳା କନଷ୍ଟେବଲଙ୍କ ମୃତ୍ୟୁ ମାମଲାକୁ ବହୁତ ଗମ୍ଭୀରତାର ସହ ନେଇଛି ଏବଂ ମାମଲାର ତଦନ୍ତ ପାଇଁ ଜଣେ ଡିଏସପି ପାହ୍ୟାପ୍ରାପ୍ତ ମହିଳା ଅଧିକାରୀଙ୍କୁ ନିଯୁକ୍ତ କରିଛି।

### ଉଧମପୁର ଓ କିସ୍ତବାଡ଼ରେ...

ପରେ ରାତି ତମାମ ଘେରାବନ୍ଦୀ କରାଯାଇଥିଲା । ଉଧମପୁର ଓ କିସ୍ତବାଡ଼ ଜିଲ୍ଲାର ଜୋଫର -ମାର୍ଟା ଜଙ୍ଗଲ ଏବଂ ନାୟଦଗାମ- ଚତରୁ ବେଲ୍ଟରେ ତଲାସୀ ଅଭିଯାନ ପୁଣି ଥରେ ଆରମ୍ଭ ହୋଇଛି । ଯେଉଁଠି ୨ରୁ ୩ ଜଣ ଆତଙ୍କବାଦୀ ଫସି ରହିଥିବାର ସମ୍ଭାବନା ରହିଛି ।

# ରନ୍ଧନଗ୍ୟାସ ଦରବୃଦ୍ଧି ବିରୁଦ୍ଧରେ ସିପିଆଇ (ଏମ) ନୀଳଗିରି ଆଂଚଳିକ କମିଟି ତରଫରୁ ପ୍ରତିବାଦ ସଭା

ନୀଳଗିରି, ୧୦/୪ (ନି.ପ୍ର): କେନ୍ଦ୍ର ସରକାରଙ୍କ ରନ୍ଧନ ଗ୍ୟାସ ଦର ବୃଦ୍ଧି ବିରୁଦ୍ଧରେ ଆଜି ସିପିଆଇ (ଏମ) ନୀଳଗିରି ଆଂଚଳିକ କମିଟି ତରଫରୁ ନୀଳଗିରି ଦୂର୍ଗାମଣ୍ଡପ ଛକରେ ନାରାୟଣ ଧମୁଡ଼ିଆଙ୍କ ସଭାପତିତ୍ୱରେ ଏକ ପ୍ରତିବାଦସଭା ଅନୁଷ୍ଠିତ ହୋଇଯାଇଛି । ଆନ୍ତର୍ଜାତିକ ବଜାରରେ ତେଲଦର କମୁଥିବା ବେଳେ, କେନ୍ଦ୍ର ସରକାର ଭାରତରେ ଗ୍ୟାସଦର ବୃଦ୍ଧି କରିବା ଏକ ଲଜ୍ୟାକର ଘଟଣା । ବର୍ତ୍ତମାନ ଦେଶର ଲୋକମାନେ ପ୍ରତିକୂଳ ପରିସ୍ଥିତିରେ ଥିବାବେଳେ, ସରକାର ଦରବୃଦ୍ଧି କରିବା ଠିକ୍ ହୋଇ ନାହିଁ । ଏହାକୁ ଯାଥାଶୀଘ୍ର ପ୍ରତ୍ୟାହାର ପାଇଁ ଦଳ ତରଫରୁ ଦାବୀ କରାଯାଇଛି । ସମ୍ପାଦକ ମଣ୍ଡଳୀସଭ୍ୟ ବିଜୟ କୁମାର ପାତ୍ର ରାମନବମୀରେ ସରକାରଙ୍କ ତରଫରୁ ଲୋକଙ୍କୁ ଗ୍ୟାସ ଦର ବଢ଼ାଇବା ଉପହାର ବୋଲି ଉପହାସ କରିଥିଲେ ।

# ନନ୍ଦୋର ଆଞ୍ଚଳିକ ମହୋତ୍ସବ ଉଦ୍‌ଘାଟିତ

ଖଇରା, ୧୦/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୋର ପଞ୍ଚାୟତ ଅଧୀନ ଅସୁରିଆ ଖପରପଦା ପଡିଆରେ ୭ମ ନନ୍ଦୋର ଆଞ୍ଚଳିକ ମହୋତ୍ସବ ନୃତ୍ୟଗୀତର ତାଳେ ତାଳେ ବୁଧବାର ସଂଧ୍ୟାରେ ଉଦଘାଟିତ ହୋଇ ଯାଇଛି । ପ୍ରିନ୍ସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ପର୍ଶୁରାମ ନାୟକ ପୌରହିତ୍ୟ କରିଥିଲେ । ମୁଖ୍ୟଅତିଥି ଭାବେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ବକ୍ତବ୍ୟରେ ଶହୀଦ ଭଗଦ ସିଂ ଙ୍କ ବଳିଦାନ ଉପରେ ଆଲୋକପାତ କରି ମାତୃଶକ୍ତି ବଳରେ ଅସାଧ୍ୟକୁ ସାଧ୍ୟ କରାଯାଇ ପାରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲା ପରିଷଦ ସଭ୍ୟା ମାନସ କୁମାର ଦାଶ,ବିଡିଓ ନାରାୟଣ ପ୍ରସାଦ ସାହୁ,ଅତିରିକ୍ତ ତହସିଲଦାର ଗଦାଧର ସେଠୀ,କ୍ଲବର ଉପଦେଷ୍ଟା ଉମ୍ବରୁଧର ପରିଡା,ପ୍ରିନ୍ସ କ୍ଲବର ସମ୍ପାଦକ ଜ୍ଞାନରଞ୍ଜନ ଘଡେଇ, ମହେନ୍ଦ୍ର କୁମାର ନାୟକ, ତ୍ରୟଲୋକ୍ୟ ନାଥ ଓଝା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ସୁଶାନ୍ତ ମାହପାତ୍ର ଓ କୈଳାସ ସାହୁ ମଞ୍ଚ ପରିଚାଳନା ଏବଂଞ୍ଚ ବୈକୁଣ୍ଠ ନାଥ ସାମଲ ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ । ଏହି ପରିପ୍ରେକ୍ଷୀରେ ସାମ୍ବାଦିକ ତପୋଧନ ବାରିକ ଓ ଉତ୍କଳବନ୍ଧୁ ପଣ୍ଡା ସମେତ ମଞ୍ଚାସୀନ ଅତିଥି,ନୃତ୍ୟ ପ୍ରତିଯୋଗୀମାନଙ୍କୁ ସମ୍ମାନୀତ କରାଯାଇଥିଲା । ଏସଆର ଡ୍ୟାନ୍ସ ଗ୍ରୁପର କଳାକାର ମାନେ ନୃତ୍ୟ ପରିବେଷଣ କରିଥିବା ବେଳେ ସୁନାମଧନ୍ୟ ଗାୟକ ଏସ. ଜିତୁଙ୍କ ମନଛୁଆଁ ସଙ୍ଗୀତ ଓ ସିରିଏଲ ଅଭିନେତ୍ରୀ ଇତି ଙ୍କ ସଂଳାପ ଦର୍ଶକଙ୍କୁ ବିମୋହିତ କରିଥିଲା ।




# ୪୮ ବଲ୍‌ରେ ୧୦୦ ରନ୍ କନସେପ୍ଟରେ ‘ଆଜିର ରେବତୀ’ର ପ୍ରଚାର ଓ ପ୍ରସାର

ଭୁବନେଶ୍ୱର, ୧୦/୪ (ନି.ପ୍ର): ଆର.ଆର ଇଭେଣ୍ଟ ଏବଂ ସିନେ ପ୍ରଡ଼କସନ ପ୍ରସ୍ତୁତି ‘ଆଜିର ରେବତୀ’ ଆସନ୍ତା ଏପ୍ରିଲ ୧୧ରେ ମୁକ୍ତିଲାଭ କରିବ । ସେହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ‘ଆଜିର ରେବତୀ‘ ଟିମ୍ ତରଫରୁ ଏକ ଅଭିନବ ଶୈଳୀରେ ପ୍ରଚାର ଓ ପ୍ରସାର ପାଇଁ ଯୋଜନା କରାଯାଇଛି । ପ୍ରତି ଘଣ୍ଟାରେ ଥରେ ଇନ୍‌ଷ୍ଟା, ଫେସବୁକ୍ ତଥା ସୋସିଆଲ ମିଡ଼ିଆରେ ଆଜିର ରେବତୀ କେମିତି ପ୍ରତ୍ୟେକ ଦର୍ଶକଙ୍କ ପାଖରେ ପହଞ୍ଚିବ ସେଥିପାଇଁ ଉଭୟ କଳାକାର ଏବଂ ପ୍ରଚାର ଓ ପ୍ରସାର ଟିମ୍ ତତ୍ପର ଅଛନ୍ତି । ଏଥିପାଇଁ ସମସ୍ତ ଇନଫ୍ଲୁଏନ୍ସର, ୟୁଟୁବର, ଡିଜିଟାଲ ମିଡ଼ିଆ ଓ ଅନ୍ୟାନ୍ୟ ମିଡ଼ିଆଙ୍କୁ ସହଯୋଗ ପାଇଁ ଅନୁରୋଧ କରାଯାଇଥିଲା । ପ୍ରଯୋଜକ ରମେଶ ବାରିକ ଙ୍କର ଆଜିର ରେବତୀ ୨୪ତମ ସହିତ ପ୍ରଥମ ଦ୍ୱିଭାଷୀ ଚଳଚ୍ଚିତ୍ର । ଯାହା ଉଭୟ ଓଡ଼ିଆ ଏବଂ ବଙ୍ଗଳା ଭାଷାରେ ମୁକ୍ତିଲାଭ କରିବ । ସାରା ଓଡିଶାରେ ୩୪ଟି ପ୍ରେକ୍ଷାଳୟ ରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ଘୋଷଣା କରାଯାଇଛି । ଆଜିର ଏହି ସ୍ୱତନ୍ତ୍ର ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମରେ ପ୍ରଯୋଜକ ରମେଶ ବାରିକ, ନାୟକ ବୋନି ସେନଗୁପ୍ତା, ନାୟିକା ଶୀତଲ ପାତ୍ର, ଅଭିନେତା ପୃଥ୍ୱୀରାଜ ନାୟକ, ସୁକାନ୍ତ ରଥ, ଅଭିନେତ୍ରୀ ପୁଷ୍ପା ପଣ୍ଡା ଙ୍କ ସମେତ ପ୍ରଚାର ଓ ପ୍ରସାର ମୁଖ୍ୟ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ଼ ପ୍ରଣୟ ଜେଠୀ ଉପସ୍ଥିତ ଥିଲେ । ଆଜିର ରେବତୀ କୁ ନିର୍ଦ୍ଦେଶନା ଦେଇଛନ୍ତି ଶୁଭ୍ରାଂଶୁ ଦାସ ଏବଂ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମ ଆନନ୍ଦ । ପ୍ରଯୋଜନା ସଂସ୍ଥା ତରଫରୁ ସମସ୍ତ ସିନେପ୍ରେମୀଙ୍କୁ ଓଡିଶା ମାଟିର ମୌଳିକ କାହାଣୀ ରେ ନିର୍ମାଣ ହୋଇଥିବା ଆଜିର ରେବତୀ ଚଳଚ୍ଚିତ୍ର ଦେଖିବାକୁ ଅନୁରୋଧ କରିବା ସହିତ ନିରାଶ ହେବେନି ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ।




## ଖଇରା କଲେଜରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଖଇରା, ୧୦/୪ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା କଲେଜ +୩ ପ୍ରଥମ ବର୍ଷରେ ଅଧ୍ୟୟନ ରତ ଛାତ୍ରୀମାନଙ୍କର ୧୬ଦିନିଆ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇ ଯାଇଛି । ଏହି ଅବସରରେ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଶିବିରର ସଂଯୋଜିକା ଭାବେ ଅଧ୍ୟାପିକା ଏଲିସା ସେଠୀ,ପ୍ରାକ୍ତନ କାର୍ଯ୍ୟକ୍ରମ ସଂଯୋଜକ ଲେଫ୍ଟନାଣ୍ଟ ଡଃ ଉଦୟରଞ୍ଜନ ଦାସ,ମୁଖ୍ୟ ପ୍ରଶିକ୍ଷିକା ସସ୍ମିତା ଖଟୁଆ,ମୁଖ୍ୟକିରାଣି ଅକ୍ଷାଂଶୁ ଦଳେଇ ଯୋଗ ଦେଇ ଛାତ୍ରୀ ମାନଙ୍କୁ ଆତ୍ମସୁରକ୍ଷା ଉପରେ ସଚେତନ କରାଇଥିଲେ । ଶେଷରେ ଶିବିରରେ ଅଂଶ ଗ୍ରହଣ କରିଥିବା ବାଣିଜ୍ୟ,କଳା ଓ ବିଜ୍ଞାନ ବିଭାଗର ୨୮୩ଜଣ ଚାତ୍ରୀଙ୍କୁ ଅଧ୍ୟକ୍ଷ ପ୍ରମାଣପତ୍ର ବଣ୍ଟନ କରିଥିଲେ । ଛାତ୍ରୀ ତପସ୍ୱିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ବୈଠକ




ଜଳେଶ୍ୱର୧୦/୪(ନିପ୍ର): ଜଳେଶ୍ୱର,ବାଲିଆପାଳ, ଭୋଗରାଇ, ବସ୍ତା ଅଞ୍ଚଳ ଚାରୋଟି ବ୍ଲକ୍ ରେ ଲୋକ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।ବାଲେଶ୍ୱର କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଆଜି ଜଳେଶ୍ୱର ନୂଆ ବଜାରର ଭଞ୍ଜଭବନ ପରିସରରେ ଆଜି ଦିନ ଦଶ ଘଟିକା ସମୟ ରେ ଅନୁଷ୍ଠିତ ହୋଇଯାଉଛି । ଏହି ବୈଠକ ରେ ଅଧକ୍ଷତା କରିଥିଲେ ସମାଜସେବୀ ଦିଲୀପ ଗିରି ଏବଂ ଯୋଗ ଦେଇଥିଲେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଏବଂବସ୍ତା ର ବିଧାୟିକା ସୁବାସିନି ଜେନା। ଏହି ବୈଠକ ରେ ଉତ୍ତର ବାଲେଶ୍ୱର ର ଚାରୋଟି ବ୍ଲକ ର ବୁଦ୍ଧିଜୀବି ଉପସ୍ଥିତ ଥିଲେ। ବାଲେଶ୍ୱର ଜିଲ୍ଲାରେ ରେ ଦୁଇ ଲକ୍ଷ୍ୟ ପଚାଶ ହଜାର ହେକ୍ଟର ଧାନ ଚାଷ ଜମି ରହିଛି ।ବାଲେଶ୍ୱର ଜିଲ୍ଲା ଧାନ, ପାନ ଓ ମିନ ର ଜିଲ୍ଲା। ଏଠାରେ ଅଧିକାଂଶ ଲୋକ ସଫଳ ଚାଷୀ।ତେଣୁ ଏଠାରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବୀ ହେଉଛି। ତେଣୁ ଏହି ବୈଠକ ରେ ଜଳେଶ୍ୱର କୃଷି ବୈଜ୍ଞାନିକ କେଶବ ଚନ୍ଦ୍ର ପଣ୍ଡା, କୃଷି ବୈଜ୍ଞାନିକ ବିଜୟ ମିଶ୍ର, ଅଭୟ ସାହୁ ବ୍ଲକ୍ ଅଧକ୍ଷ ମାନସ ଜେନା,ପୌରପାଳିକା ଅଧକ୍ଷ ପ୍ରଡିପ କୁମାର୍ ପ୍ରଧାନ, ଶିକ୍ଷାବିତ୍ ଏବଂ ଲେଖକ, ଗାଳ୍ପିକ ଶ୍ରୀକାନ୍ତ ପାତ୍ର, କୃଷକ ନେତା ସମୀର ପାତ୍ର, ସମାଜ ସେବୀ କମଳ ଚକ୍ରବର୍ତ୍ତୀ, ରାଜ୍ୟ ଓଷ୍ଟା ସଂପାଦକ ଅକ୍ଷୟ ମିଶ୍ର, ଶିକ୍ଷାବିତ୍ ଅଜିତ ମହାନ୍ତି, ସମାଜ ସେବୀ ଅଶୋକ ମହାନ୍ତି, ବାଲିଆପାଳ ରୁ ବୁଦ୍ଧିଜୀବୀ ଅଜୟ ସାହୁ, ଭୋଗରାଇ ରୁ ଚିତ୍ତ ରଂଜନ ଦାସ୍ ସହିତ ଚାରି ବ୍ଲକ୍ ରୁ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ରାଧାଶ୍ୟାମ ରାଉଳ ପାଇବେ ମାଧବ ଚନ୍ଦ୍ର ଶତପଥୀ ହାସ୍ୟବ୍ୟଙ୍ଗ ସମ୍ମାନ

ଭୁବନେଶ୍ୱର, ୧୦/୪ (ନି.ପ୍ର): ଲବ୍ଧପ୍ରତିଷ୍ଠ ରମ୍ୟ-ବ୍ୟଙ୍ଗ କଥାଶିଳ୍ପୀ ତଥା ସ୍ତମ୍ଭକାର ରାଧାଶ୍ୟାମ ରାଉଳଙ୍କୁ ‘କଟକ ଲେଖକ ସହଯୋଗ ସମିତି ଲିଃ‘ ତରଫରୁ ଚଳିତ ବର୍ଷର ‘ମାଧବ ଚନ୍ଦ୍ର ଶତପଥୀ ହାସ୍ୟବ୍ୟଙ୍ଗ ସମ୍ମାନ‘ ପ୍ରଦାନ କରାଯିବ। ହାସ୍ୟବ୍ୟଙ୍ଗ ସାହିତ୍ୟ କ୍ଷେତ୍ରରେ ଶ୍ରୀଯୁକ୍ତ ରାଉଳଙ୍କର ଦୀର୍ଘ ବର୍ଷର ନିରବଚ୍ଛିନ୍ନ ସାଧନା ଓ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଉକ୍ତ ଉତ୍ସବରେ ସାହିତ୍ୟର ଅନ୍ୟାନ୍ୟ ବିଭାଗରେ କୃତିତ୍ୱ ଓ ଉତ୍କର୍ଷତା ପ୍ରତିପାଦନ କରିଥିବା ଅନ୍ୟ ପ୍ରତିଭାଧରଙ୍କୁ ମଧ୍ୟ



ସମ୍ବର୍ଦ୍ଧିତ କରାଯିବ। ବିଶିଷ୍ଟ ସାହିତ୍ୟିକ ତଥା ସମାଜସେବୀ ଡକ୍ଟର ରବିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଆସନ୍ତା ୧୦ ତାରିଖ ସୋମବାର କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହେବାକୁ ଥିବା ସମିତିର ୪୬ତମ ବାର୍ଷିକ ଉତ୍ସବରେ ଉଚ୍ଚଶିକ୍ଷା ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ,ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀଯୁକ୍ତ ସତ୍ୟକାମ ମିଶ୍ର ଉଦଘାଟକ ଭାବେ , ବିଶିଷ୍ଟ ସାମ୍ବାଦିକ ଓ ରାଜନେତା ତଥା ଇଷ୍ଟର୍ଣ୍ଣ ମିଡିଆର ଅଧକ୍ଷ ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷାସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଶ୍ରୀଯୁକ୍ତ ଜ୍ଞାନୀ ଦେବାଶିଷ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି ବୋଲି ସମିତିର ସମ୍ପାଦକ ରଘୁନାଥ ମହାପାତ୍ର ଓ ସଂଗଠନ ସମ୍ପାଦକ ନରସିଂହ ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି।

# ଜାତୀୟ ରାଜପଥ ନିକଟରୁ ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର ଘଟଣା

## ■୪୩ଦିନ ପରେ ବି ପୁଲିସ ନିରବ
## ■ପୁଲିସର ତଦନ୍ତ ଉପରେ ଅସନ୍ତୋଷ ଜାହିର କଲେ ପରିବାର ଲୋକେ




ବସ୍ତା, ୧୦/୪ (ନି.ପ୍ର): ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥର ଇନ୍ଦିରାଛକ ନିକଟସ୍ଥ ଏକ ହୋଟେଲର ଅନତି ଦୂରରେ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର ଘଟଣାକୁ ୪୩ ଦିନ ବିତିଥିଲେ ହେଁ ପୁଲିସ ନିରବ ରହିବା ଏବଂ ତଦନ୍ତରେ ଶିଥିଳତା ଦେଖାଦେବାରୁ ପରିବାର ଲୋକେ ଗୁରୁବାର ଅପରାହ୍ଣରେ ବାହାର୍ଦ୍ଧା ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅସନ୍ତୋଷ ଜାହିର କରିଛନ୍ତି । ସୂଚନା ଅନୁସାରେ ବସ୍ତା ଥାନା ମୁଳିଦା ଗ୍ରାମର ରାଜକିଶୋର ଦାସ ମହାପାତ୍ରଙ୍କ ପୁଅ ଦ୍ୟୁତିକୃଷ୍ଣ (୩୪) ଏକ ଔଷଧ କମ୍ପାନୀରେ ମେଡ଼ିକାଲ ରିପ୍ରେଜେଣ୍ଟେଟିଭ ଭାବେ କାର୍ଯ୍ୟ କରୁଥିଲେ। ଦ୍ୟୁତିଙ୍କ ଉପରିସ୍ଥ ଅଧିକାରୀ ମୟୂରଭଞ୍ଜ ଜିଲ୍ଲା ବାରିପଦା ଅଞ୍ଚଳର ମାନସ ରଂଜନ ମହାନ୍ତି ଗତ ୨୫ ଫେବ୍ରୁଆରୀରେ ଭୋଗରାଇର ଏକ ବିବାହ ଭୋଜିରେ ଯୋଗ ଦେବା ପାଇଁ କାର ଯୋଗେ ରାଜଘାଟ ନିକଟରେ ପହଞ୍ଚି ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି ଦ୍ୟୁତିଙ୍କୁ ନିଫୋନ କରି ସେଠାକୁ ଆସିବାକୁ କହିଥିଲେ। ଫଳରେ ଦ୍ୟୁତି ନିଜର ସାଙ୍ଗର ବାଇକ୍ ଯୋଗେ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିବା ପରେ ଉଭୟେ ଭୋଗରାଇ ଅଭିମୁଖେ ବାହାରିଥିଲେ। ରାତି ୯ଟା ଶୁଦ୍ଧା ଭୋଗରାଇରୁ ବାହାରି ନଥିବା ଓ ଏକ ଘଣ୍ଟା ବିଳମ୍ବ ହେବା ନେ ନିଜର ସାଙ୍ଗକୁ ଜଣାଇଥିବା ବେଳେ ପୁଣି କିଛି ଘଣ୍ଟା ପରେ ନିଜ ସାଙ୍ଗକୁ ଫୋନ୍ କରିବାରୁ ସାଙ୍ଗ ଜଣକ ଶୋଇ ପଡ଼ିବା ସହିତ ଫୋନ୍ ଉଠାଇ ନଥିଲେ। ମାତ୍ର ସକାଳ ସମୟରେ ଦ୍ୟୁତୀଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ୧୬ ନମ୍ବର ଜାତୀୟ ରାଜପଥର ଇନ୍ଦିରା ଛକ ନିକଟରେ ପଡ଼ିଥିବା ସ୍ଥାନୀୟ ଲୋକ ଦେଖି ପୋଲିସକୁ ଖବର ଦେବାରୁ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ୫୮/୨୫ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ମୃତ ଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଜାରି ରଖିଥିଲା ।ମାତ୍ର ମୃତ ଦେହର ପାରିପାର୍ଶ୍ୱିକ ଅବସ୍ଥା ଦେଖି ତାହା ଦୁର୍ଘଟଣା ଜନିତ କାରଣରୁ ନୁହଁ ବରଂ ଯୋଜନାବଦ୍ଧ ଭାବେ ଦ୍ୟୁତିଙ୍କୁ ମାରିଦିଆଯାଇଥିବା ଏବଂ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଥାନା ଅଧିକାରୀଙ୍କ ସମେତ ପୁଲିସ ଉପଖଣ୍ଡ ଅଧିକାରୀ ମାନସ କୁମାର ଦେଓଙ୍କ ନିକଟରେ ଫେରାଦ ହୋଇଥିଲେ। ଦ୍ୟୁତିଙ୍କ ମୃତ୍ୟୁ ପରେ ମାନସ ଥରୁଟିଏ ହେଲେ ବି ପରିବାର ଲୋକଙ୍କ ନିକଟକୁ ନଆସିବା, ମୃତ୍ୟୁ ପରେ ମାନସ ଦ୍ୟୁତିଙ୍କ ଅତି ନିକଟତର ସାଙ୍ଗଙ୍କ ଯୋଗାଯୋଗରେ ରହିବା ଏବଂ ପୂର୍ବରୁ ମାନସଙ୍କର କିଛି ଅନୈତିକ ସମ୍ପର୍କ ମାମଲାରେ ଦ୍ୟୁତିଙ୍କୁ ଜଡ଼ିତ କରିବା ତଥା ମାନସଙ୍କର ଏହି ସବୁ ଘଟଣାକୁ କାଳେ ଦ୍ୟୁତି ଆଗାମୀ ଦିନରେ ସାଧାରଣରେ ପ୍ରଘଟ କରିଦେବେ ସେଥି ପାଇଁ ତାଙ୍କୁ ସଂଘବଦ୍ଧ ଆକାରରେ ମାରି ଦିଆଯାଇଥିବା ବାପା ଶ୍ରୀ ଦାସ ମହାପାତ୍ର, ମାଆ ଆରତୀ, ବଡ଼ବାପା ଅଶୋକ କୁମାର ଦାସ ମହାପାତ୍ର,ଅରୁଣ କୁମାର ଦାସ ମହାପାତ୍ର,ମାଇଁ ରମିତା ମହାନ୍ତି,ଆରତି ଦାସ ଅଭିଯୋଗ ଆଣିଛନ୍ତି। ମାତ୍ର ରାଜପଥ ପାର୍ଶ୍ୱରେ ମରି ପଡ଼ିଥିବାର ଅର୍ଥ ତାହା ଦୁର୍ଘଟଣା ଜନିତ ମୃତ୍ୟୁ ବୋଲି ଭାବି ପୁଲିସ ନିଜଆଡୁ ନିରବ ରହିବା ଏବଂ ତଦନ୍ତରେ ଶିଥିଳତା ଦେଖାଦେବାରୁ ପରିବାର ଲୋକେ ଗୁରୁବାର ଅପରାହ୍ଣରେ ବାହାର୍ଦ୍ଧା ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅସନ୍ତୋଷ ଜାହିର କରିଛନ୍ତି। ନ୍ୟାୟ ପାଇଁ ପରିବାର ଲୋକେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଦ୍ୱାରସ୍ଥ ହୋଇଥିବା ବେଳେ ତୁରନ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସି ଶ୍ରୀ ରାଜ ପ୍ରସାଦ ପରିବାର ଲୋକଙ୍କୁ ଆଶ୍ୱାସନା ଦେଇଛନ୍ତି।

# ପାରିବାରିକ କଳହରୁ ବୃଦ୍ଧ ପିତାଙ୍କୁ ହତ୍ୟା କଲା ପୁଅ:ବସ୍ତା ଥାନାରେ ଦୁଇ ଅଟକ

ବସ୍ତା, ୧୦/୪ (ନି.ପ୍ର): ପାରିବାରିକ କଳହରୁ ବୃଦ୍ଧ ପିତାଙ୍କୁ ହତ୍ୟା କରି ପୁଅ ଥାନାରେ ଅଟକ ରହିଥିବା ବେଳେ ପୁଅର ସମ୍ପର୍କୀୟ ଭାଇ ମଧ୍ୟ ଅଟକ ରହିଛି। ସୂଚନାରୁ ପ୍ରକାଶ ଯେ ଗତ କାଲି ବସ୍ତା ଥାନା ରାଇସୁଆଁ ଗାଁର ମାଧବାନନ୍ଦ ବେହେରାଙ୍କ ସହିତ ପୁଅ ନିମାଇଁ ର ଘରୋଇ କନ୍ଦଳ ନେଇ ପାଟିତୁଣ୍ଡ ଓ ପରେ ନିସ୍ତୁକ ମାଡ଼ ମାରି ମାଧବାନନ୍ଦ(୬୫) କୁମାରି ଦେଇଥିଲା। ଏଥିରେ କୁଆଡେ ତା’ମାଉସୀ ପୁଅ ଭାଇ ତାକୁ ସହଯୋଗ କରିଥିଲା। ଏହି ଅଭଯୋଗରେ ଦୁଇ ଭାଇଙ୍କୁ ପୁଲିସ ଅଟକ ରଖିଛି। ପ୍ରକାଶ ଥାଉକି ମାଧବାନନ୍ଦ ବେଳେ ବେଳେ ମଦ ପିଏ ଓ ହୁଏତ ଘଟଣା ଦିନ ସେ ମଦ ପିଇ ମାତାଲ ଅବସ୍ଥାରେ ହିତା ହିତ ଜ୍ଞାନ ହରାଇ ବାପ ପୁଅ ମଧ୍ୟରେ କଳିଗୋଳ ହୋଇ ଏହି ହତ୍ୟାକାଣ୍ଡ ଘଟିଥିବା ଶୁଣିବାକୁ ମିଳେ। ଏହା ତଦନ୍ତ ସାପେକ୍ଷ। ପୁଲିସ ତଦନ୍ତ ଜାରି ରହିଛି।

## ଭାଗବତଙ୍କ ନିଖୋଜ ନେଇ ଥାନାରେ ଅଭିଯୋଗ

ଖଇରା, ୧୦/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ମିରିପୁର ଖଇରା ଗ୍ରାମର ଭାଗବତ ଶିଅଳ(୬୫)ଘରୁ ନିଖୋଜ ହେବା ନେଇ ପରିବାର ଲୋକ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଜଣେ କୃଷକ ଭାବେ ନିଜ ପରିବାର ପୋଷଣ କରୁଥିବା ଭାଗବତ ୩ଦିନ ତଳେ କୌଣସୀ କାମରେ ବାହାରକୁ ଯାଇ ଆଉ ଫାରେ ନାହଁନ୍ତି । ସମ୍ପର୍କୀୟ ଓ ବନ୍ଧୁବାନ୍ଧବଙ୍କ ଘରେ ଖୋଜାଖୋଜି ପରେ ମଧ୍ୟ ପତ୍ତା ନମିଳିବାରୁ ପରିବାର ଲୋକେ ବାଧ୍ୟ ହୋଇ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । କୌଣସୀ ବ୍ୟକ୍ତି ତାଙ୍କର ସନ୍ଧାନ ପାଇବା ମାତ୍ରେ ୮୯୧୭୩୮୯୭୮୨ନମ୍ବରରେ ଜଣାଇବାକୁ ପରିବାର ତରଫରୁ ଅନୁରୋଧ କରାଯାଇଛି ।

# ସାବିତ୍ରୀ ହାଇସ୍କୁଲ ପଟିସାହିର ବାର୍ଷିକୋତ୍ସବ ଓ ପୁରାତନ ଛାତ୍ର ସଂସଦର ପଞ୍ଚମ ବନ୍ଧୁମିଳନ

ବାଲେଶ୍ୱର, ୧୦/୪ (ନି.ପ୍ର): ପ୍ରତିଟି ଛାତ୍ର ସେମାନଙ୍କର ଆଦ୍ୟ ଜ୍ଞାନ ଆହରଣର କ୍ଷେତ୍ର ନିଜୁ ବିଦ୍ୟାଳୟକୁ ମନେରଖି ସେହି ବିଦ୍ୟାଳୟର ସମୃଦ୍ଧି ଦିଗରେ ସେମାନଙ୍କର ଯୋଗଦାନ ରଖିବା ଏକ ନୈତିକ ଦାୟିତ୍ୱ ବୋଲି, ବାଲିଆପାଳ ବ୍ଲକ୍ ଅନ୍ତର୍ଗତ ଦେଉଳା ପଞ୍ଚାୟତର କଟିସାହି ସାବିତ୍ରୀ ହାଇସ୍କୁଲର ପୁରାତନ ଛାତ୍ର ସଂସଦର ପଞ୍ଚମ ବନ୍ଧୁମିଳନ ଉତ୍ସବ ତଥା ସ୍କୁଲର ବାର୍ଷିକୋତ୍ସବ-୨୦୨୫ ଅବସରରେ ମତପ୍ରକାଶ ପାଇଛି । ଗତ ୬ ତାରିଖ ସଂଧ୍ୟାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ପ୍ରଥମ ଅଧିବେଶନରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନଙ୍କର ସମ୍ମିଳନୀ ଅନୁଷ୍ଠିତ ହୋଇ ବିଦ୍ୟାଳୟରେ ଅଧୟନ ସମୟରେ ସେମାନଙ୍କର ଅଭୁଲାସ୍ମୃତିକୁ ରୋମନ୍ଥନ କରିବା ସହ ବିଦ୍ୟାଳୟର ପ୍ରଗତିରେ ସେମାନଙ୍କର ନିରନ୍ତର ଯୋଗଦାନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବାର୍ଷିକୋତ୍ସବରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ସୁନୀଲ କୁମାର ଭୂୟାଁ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ତଥା ବିଶିଷ୍ଟ ସାହିତ୍ୟିକ ଡ. ଶ୍ରୀକାନ୍ତ ଚରଣ ପାତ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ସମବେତ ଛାତ୍ରଛାତ୍ରୀଙ୍କୁ ସୁମଣିଷ ହେବାରେ ନିଜର ସାଧନାକୁ ଅବ୍ୟାହତ ରଖିବାକୁ ପରାମର୍ଶ ଦେଇଥିଲେ। ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ଆଡ୍‌ଭୋକେଟ୍ ତଥା ଫ୍ୟୁଚର ବାଲେଶ୍ୱରର ପ୍ରତିଷ୍ଠାତା ବିଜୟ କୁମାର ପାଣିଗ୍ରାହୀ ଯୋଗଦେଇ ବିଦ୍ୟାଳୟ ଆମ ସମସ୍ତ ଚିନ୍ତା ଚେତନାର ବିକାଶ କ୍ଷେତ୍ରରେ ଆଦ୍ୟକ୍ଷେତ୍ର ହୋଇଥିବାରୁ ଏହାର ସୁଖଦୁଃଖର ସାଥି ସବୁ ଛାତ୍ରଛାତ୍ରୀମାନେ ସବୁ ସମୟରେ ହେବା ଉଚିତ୍ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ତଥା ସୁବର୍ଣ୍ଣଶ୍ରୀ ପ୍ରକାଶିନୀର ପ୍ରତିଷ୍ଠାତା ଡ. କାଳୀପଦ ପଣ୍ଡା ଯୋଗଦେଇ ପିତୃ ମାତୃଋଣ ଯେଭଳି ସନ୍ତାନ କେବେ ଶୁଝିପାରିନଥାଏ, ସେହିଭଳି ଶିକ୍ଷକ ଓ ଶିକ୍ଷାୟତନରୁ ଯେଉଁ ଜ୍ଞାନଋଣ ଆମେ ନେଇଥାଉ ତାହା ଜୀବନ ଅବଧି ଶୁଝିବା କେବେ ସମ୍ଭ ହୋଇନଥାଏ, ମାତ୍ର ସେହି ଋଣକୁ ମନେ ରଖିବା ଜଣେ ଉତ୍ତମ ଛାତ୍ରର ପରମକର୍ତ୍ତବ୍ୟ ବୋଲି ସେ ପ୍ରକାଶ କରିଥିଲେ। ସ୍ଥାନୀୟ ସରପଞ୍ଚ ସରୋଜ କୁମାର ପିଲା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଉନ୍ନତିରେ ତାଙ୍କର ଯଥାସମ୍ଭବ ସହଯୋଗ ରହିବ ବୋଲି କହିଥିଲେ। ପୁରାତନ ଛାତ୍ରସଂସଦର ସଭାପତି ନିହାର ରଞ୍ଜନ ଗିରି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲାବେଳେ କୋଷାଧକ୍ଷ ସାଗର ପ୍ରଧାନ କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ। ଉତ୍ସବର ଆୟୋଜନରେ ସହଯୋଗ କରିଥିଲେ ପୁରାତନ ଛାତ୍ରସଂସଦର ସଦସ୍ୟ ନିଗମାନନ୍ଦ ବେହେରା, ଦେବବ୍ରତ ଭୂୟାଁ, ଭାବବିନୋଦ ଭୂୟାଁ, ଜୟନାରାୟଣ ଦାସ, ସୁଜିତ୍ କୁମାର ଜେନା, ଶକ୍ତିପଦ ପଣ୍ଡା, ବିଜୟ କୁମାର ପ୍ରଧାନ, ରବିନ୍ଦ୍ର ଭୂୟାଁ, ପଙ୍କଜ କୁମାର ସାମଲ, ଯୋଗେନ୍ଦ୍ର ବାଗ୍, ନିମାଇଁ ଚରଣ ବିଶ୍ୱାଳ ପ୍ରମୁଖ।




# କଲେଜ ପଢ଼ାର ଶେଷ ଦିନ, ମନେ ପଡୁଥିବ ସବୁଦିନ : ମେରିନା ପଣ୍ଡା




ଉଦଳା , ୧୦/୪ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ଶିକ୍ଷା ବିଭାଗ ଶେଷ ବର୍ଷ ଛାତ୍ରୀ ମାନଙ୍କର ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଚଳିତ ଏପ୍ରିଲ ୯ ତାରିଖ ବୁଧବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସୁବ୍ରତ କୁମାର ପାଣିଗ୍ରାହୀ ଉକ୍ତ ସଭାରେ ଅଧକ୍ଷତା କରି ତାଙ୍କ ନିଜ କଲେଜ ପଢ଼ାର ଜୀବନ କେମିତି କଟିଥିଲା ବ୍ୟକ୍ତ କରିଥିଲେ । ବିଭାଗୀୟ ମୁଖ୍ୟ ଅଧାପିକା ମେରିନା ପଣ୍ଡା ଶେଷ ବର୍ଷ ଛାତ୍ରୀ ମାନଙ୍କ ଗହଣରେ ବିତାଇଥିବା ଦିନର ଅନୁଭବ ଶୁଣାଇବା ସହ ଆଜିର ଦିନଟି କିପରି ସବୁଦିନ ମନେ ପଡୁଥିବ ଭାଷଣ ମାଧ୍ୟମରେ କହିଥିଲେ । ଅଧାପକ ରାଜକିଶୋର ବେହେରା ଅନ୍ୟ ବିଭାଗର ଛାତ୍ରୀ ମାନଙ୍କ ଠାରୁ ଶିକ୍ଷା ବିଭାଗର ଛାତ୍ରୀ ମାନେ ନିଜସ୍ୱ ଗୁଣ ପାଇଁ କିପରି ସ୍ୱତନ୍ତ୍ର ବାରି ହୋଇପଡୁଥିଲେ ବିଭିନ୍ନ ଉଦାହରଣ ମାନ ଦେଇ ବକ୍ତବ୍ୟ ପ୍ରଦାନ କରୁଥିଲେ । ଏହାପରେ ବିଦାୟ ନେଉଥିବା ଶେଷ ବର୍ଷର ଛାତ୍ରୀ ମାନେ ସହପାଠୀଙ୍କ ମେଳ ଓ ମହାବିଦ୍ୟାଳୟର ପରିବେଶ କିପରି ଆନନ୍ଦ ଦେଇଛି ଜଣ ଜଣ କରି ବ୍ୟକ୍ତ କରିଥିଲେ । ଶେଷରେ ଡ଼େମନଷ୍ଟ୍ରେଟର ଲକ୍ଷ୍ମୀପ୍ରିୟା ସାମଲ ଧନ୍ୟବାଦ ଅର୍ପଣ କରିବା ପରେ ସଭାକାର୍ଯ୍ୟର ପରିସମାପ୍ତି ଘୋଷଣା କରାଯାଇଥିଲା ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida